

ସେପ୍ଟେମ୍ବର ୨୦୧୩ ସଂସ୍କରଣ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

୨

ବସନ୍ତ ଆସିଛି

ତୁମେ ଗଲାପରେ

ଭଗବାନ କିଏ ?

ଭାଙ୍ଗିଦିଅ ମେରୁଦଣ୍ଡ

ବାବୁଭାଇଙ୍କ ନିଜ କଥା

ଆସ ବୁଲିଯିବା ଆମ ରାଇଜ

'ଆହ୍ୱାନ'ରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖାଗୁଡ଼ିକୁ ହିଁ କପିରାଇଟର ବ୍ୟବସ୍ଥାରେ ଚୟନ କରାଯାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ, ଯେତେବେଳଯାଏଁ କୌଣସି ସୂଚନା କିମ୍ବା ନିର୍ଦ୍ଦେଶ ଦିଆଯାଇନାହିଁ । ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣ ମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଏକ ଅପରାଧ । ଦୟାକରି ଏହି ବିଷୟ ପ୍ରତି ବିଶେଷ ଧ୍ୟାନ ଦେବେ । ଲେଖକମାନେ ଚାହିଁଲେ ନିଜ ଲେଖାର ପ୍ରଚାର ହେତୁ ସେମାନଙ୍କ ଲେଖା ପ୍ରକାଶିତ ହୋଇଥିବା ପୃଷ୍ଠାମାନଙ୍କ ପ୍ରତିଛବି ଗଣମାଧ୍ୟମରେ / ଇଣ୍ଟରନେଟରେ ଦେଇ ପାରିବେ ।

# ସମ୍ପାଦକୀୟ



ସମୟ ଅତି କଠୋର । ନା ଆମେ ଏହାକୁ କଠୋର କରି ଦେଉଛେ ? କାହିଁକି ଆମେ ଆମ ଭୂଲ ନିଷ୍ପତ୍ତିକୁ ସମୟର ପ୍ରଭାବ ବୋଲି କହିଦେଉଛୁ । ନିଜ ଭୂଲକୁ ସ୍ୱୀକାର କରିବାର ନୈତିକ ଦାୟିତ୍ୱ ଆମେ ତୁଲାଇବା କେବେ ଶିଖିବା । ଜନ୍ମ ପରେ ପରେ ଆମ ପିତାମାତା ଆମକୁ ଏକ ସହଜ ପନ୍ଥା ଦେଖେଇ ଦେଲେ, ଭଗବାନ । ଭଲରେ ମନ୍ଦରେ କେବଳ ଭଗବାନ ସାହା ବୋଲି ଅତି ସରଳ ଭାଷାରେ ବୁଝେଇ ଦେଲେ । କହିଲେ ଯାହା ବି ହେଉଛି ବା ହେବାକୁ ଯାଉଛି ତାହା ସବୁ ଭଗବାନଙ୍କ ଇଚ୍ଛାରେ ହିଁ ହେଉଛି । ହେଲେ ଏଥିରେ ଆମ ପିତାମାତାଙ୍କ ଜ୍ଞାନ କମ ଥିଲା, ବୋଧହୁଏ ସେମାନେ ଏ ସବୁ ନିଜ ପିତାମାତାଙ୍କ ଠାରୁ ଶିଖିଥିଲେ । ଏହାର ଆରମ୍ଭ କେବେ ହୋଇଥିଲା, ତାହା ନିଶ୍ଚୟ ଭାବେ ଗବେଷଣାସାପେକ୍ଷ । ଭଗବାନ କିଏ ? ସେ ଦେଖିବାକୁ କେମିତି ? ସେ କେଉଁ ଭାଷାରେ କଥା ହୁଅନ୍ତି ? ସେ କଣ ଖାଆନ୍ତି, କେଉଁଠି ରହନ୍ତି? ଆଦି ଅନେକ ପ୍ରଶ୍ନର ବାଣରେ ମୁଁ ଏବଂ ମୋ ପରି ଅନେକ ଅସହାୟ ବନ୍ଧୁ ଶୀକାର ହୋଇଥିବେ । ନିଜ ସନ୍ତାନକୁ ଭଗବାନଙ୍କ ବିଷୟରେ କହିବା ସମୟରେ ଏ ସବୁ ପ୍ରଶ୍ନ ଆସିବା ସ୍ୱାଭାବିକ । ଇଚ୍ଛା ହୁଏ ବେଳେ ବେଳେ ମୁଁ ଛୋଟ ଶିଶୁଟିଏ ହୋଇଯାଆନ୍ତି କି? ଏ ସବୁ ପ୍ରଶ୍ନର ଉତ୍ତର ଜୀଜ୍ଞାସା କରୁଥାନ୍ତି ।

ବିଗତ ଦିନରେ ଓଡ଼ିଶା ଏବଂ ସର୍ବୋପରି ସର୍ବଭାରତୀୟ ସ୍ତରରେ ଅନେକ ଘଟଣା ଓ ଦୁର୍ଘଟଣା ଆମ ଜନମାନସକୁ ଆନ୍ଦୋଳିତ କରିଛି । ୨୦୧୪ରେ ଆସନ୍ନ ନିର୍ବାଚନ ପରିପ୍ରେକ୍ଷୀରେ ବିଭିନ୍ନ ରାଜନୈତିକ ଦଳ ମାନଙ୍କ ତରଫରୁ ବିଭିନ୍ନ ପ୍ରକାରର ଘୋଷଣାମାନ ନିଶ୍ଚୟ ଭାବରେ ଆମ ଦେଶର ଅନେକ କର୍ମକୋଢ଼ିଆ ଏବଂ ମାଗଣାଖିଆଙ୍କୁ ସୁହାଉଥିବ । ଯେଉଁମାନେ କିଛି ନ କରି କେବଳ ସରକାରଙ୍କ ଦୟାରେ ବଞ୍ଚିବା ଶିଖିଗଲେଣି । ଅବସ୍ଥା ଏମିତି ହେଲାଣି ଯେ ଏବେ ଦେଶରେ ଶହେରୁ ଅଧିକ କୋଟି ଜନସଂଖ୍ୟା ଥିବା ସତ୍ତ୍ୱେ ବିଭିନ୍ନ କର୍ମ ସଂସ୍ଥାନପାଇଁ ଜନସମ୍ବଳର ଘୋର ଅଭାବ ଦେଖାଦେଲାଣି । ସରକାର ଯେ ଲୋକଙ୍କୁ କର୍ମକୋଢ଼ିଆ କରିଦେଲାଣି ଏଥିରେ ଦୋରାୟ ନାହିଁ ।

ମାଗାଣାରେ ବିଦ୍ୟୁତ, ଘରପାଇଁ ଜମି, ବେକାରୀ ଭତ୍ତା, ମାଗଣାରେ ପାଠ୍ୟପୁସ୍ତକ, ସାଇକେଲ୍, ଲାପଟପ୍, ମୋବାଇଲ୍, ଏକ ଟଙ୍କାରେ ଚାଉଳ, ଦୁଇ ତିନି ଟଙ୍କାରେ ଶସ୍ୟ... ଆହୁରି ଅନେକ କିଛି । ଏହା ଫଳରେ ଦେଶରେ ଏକ ବୃହତ ଗୋଷ୍ଠୀ ମୁଣ୍ଡ ଟେକିଲାଣି ଯାହା କାମ କରିବା ଉପରେ ଆଉ ବିଶ୍ୱାସ କରୁନାହିଁ । ଦିନଟିଏ ମଜଦୁରୀ କରିଦେଲେ ଅନ୍ୟୁନ ଶହେ ଟଙ୍କା ମିଳୁଛି । ଯଦି ମାସରେ କେଇ ଦିନ କାମ କରିଦେଲେ, ହାତରେ ଧନ ରହୁଛି । ଏକ ଟଙ୍କାରେ ମାସକୁ ୩୫ କିଲୋ ଚାଉଳ ମାତ୍ର ପଞ୍ଚତିରିଶି ଟଙ୍କାରେ ପାଇପାରୁଛନ୍ତି, ସେ ଲୋକ କାହିଁକି କାମ କରିବ । ଯେତେବେଳେ ମଧ୍ୟବିତ୍ତ ପରିବାରରେ ୩୫ ଟଙ୍କାରେ କିଲୋଟିଏ ଚାଉଳ ଆସୁଛି, ସେଇ ସମୟରେ କର୍ମସଂସ୍ଥାନ କରୁନଥିବା ଏବଂ ନିଜକୁ ଗରୀବ ବୋଲି କୁହାଉଥିବା ଏକ ଗୋଷ୍ଠୀ ସରକାରଙ୍କ ଘର ଜୋଇଁଆ ହୋଇଯାଇଛନ୍ତି । ସେମାନଙ୍କୁ ସବୁ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି । ଅବସ୍ଥା ଏମିତି ହେଲାଣି, ଏବେ ଗାଁରେ ନାମକୁ ମାତ୍ର ଚାଷୀ ରହିଛନ୍ତି । ଯେଉଁମାନେ ଅଧିକ ଜମିବାଡ଼ି ରଖିଛନ୍ତି ସେମାନେ ଚାଷବାସ କରିବାପାଇଁ ଚଷା ଖୋଜି ଖୋଜି ନୟାନ୍ତ ହେଉଛନ୍ତି । ଧାନ ରୁଆ, ବୁଣା ସମୟରେ ଚଷା ମାନଙ୍କର ଘୋର ଅଭାବ ରହୁଛି । ଗାଁରେ ରହୁଥିବା ଅନେକ ଲୋକ ଏହି ଅସୁବିଧା ଅଙ୍ଗେ ନିଭେଇ ସାରିଲେଣି । ଏହି ସବୁ ମାଗଣା ବ୍ୟବସ୍ଥା ପାଇଁ ହିଁ ଆମ ଦେଶରେ ସବୁବେଳେ ନିଅଣ୍ଟିଆ ଅବସ୍ଥା ଚାଲି ଆସିଛି, ଏବଂ ସମ୍ପ୍ରତି ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ପାଇବା ମଧ୍ୟ ଏହାର ଏକ ନିଦର୍ଶନ ହୋଇପାରେ । ସବୁଥିରେ ସବସିଡ଼ି ଦେଇ ଦେଇ ସରକାର ବାର୍ଷିକ ଆୟକୁ କେବଳ ମାଗଣାରେ ବାଣ୍ଟିବାରେ ଲାଗିଛନ୍ତି ସିନା, ଏହାକୁ କୌଣସି ଉନ୍ନତିମୂଳକ କାର୍ଯ୍ୟରେ ନିୟୋଜିତ କରିବାର ଯୋଜନା କିଛି କରୁନାହାନ୍ତି । ସମସ୍ତ ପ୍ରକାର ସେବାକୁ ବ୍ୟବସାୟୀକରଣ ଓ ବେସରକାରୀ ସଂସ୍ଥାମାନଙ୍କ ହାତରେ ଟେକି ଦେଉଛନ୍ତି, ଆଉ ଦେଶର ଦୁରାବସ୍ଥା ପାଇଁ ଦାୟୀ କିଏ ? କେବେ ଏ ସ୍ଥିତି ସୁଧିରିବ? ସହଜ ଉତ୍ତର ମିଳିବ, ଭଗବାନ ଚାହିଁଲେ ସବୁ ସୁଧୁରିଯିବ ।

ଗତ ମାସରେ ନିଜକୁ ଭଗବାନଙ୍କ ପଥଚାରୀ ବୋଲି ବୋଲାଉଥିବା ଜନୈକ ବାବାଙ୍କ କଳାକାରନାମା ପଦାରେ ପଡ଼ିବାପରେ ଦେଶରେ ରାଜନୀତି ଯୋର ଧରିଥିଲା, ହେଲେ ଅବସ୍ଥା ଅସମ୍ଭାଳ ହେବାର ଦେଖି ସମସ୍ତେ ମଙ୍ଗ ଛାଡ଼ିଦେଲେ, ଏବଂ ଦିନେ ନିଜକୁ ଭଗବାନ କୁହାଉଥିବା ସେହି ବ୍ୟକ୍ତି ଜଣକ ଏବେ ଜେଲର କୋଠରିରେ ବସି ଧ୍ୟାନ କରୁଥିବା ଖବର ସବୁ ଖବର ଦେଉଥିବା

ଚ୍ୟାନେଲରେ ଦେଖାଯାଉଛି । ଭଗବତ୍ ଆସ୍ଥା ରଖୁଥିବା ନିରୀହ ଭକ୍ତଙ୍କ ସହ ଦୁରାଚାର କରୁଥିବା ଏମିତି ଅନେକ ବାବାଙ୍କ କାହାଣୀ ଯୁଗେ ଯୁଗେ ଆମେ ଶୁଣି ଆସିଛୁ । ହେଲେ ସେ ସବୁ ଆମ ମାନସପଟରୁ ଅନ୍ତର୍ହିତ ହୋଇଯାଉଥିବା ବେଳେ ସଦ୍ୟ ଶୁଣାଯାଉଥିବା ମାମଲାରେ ଛନ୍ଦିହୋଇଥିବା ବାବା ଜଣକ ଜଣେ ବିତ୍ତଶାଳୀ ଏବଂ ପ୍ରସିଦ୍ଧ ବାବା ହୋଇଥିବାରୁ ଘଟଣା ପ୍ରତି ଦୃଷ୍ଟିକୋଣ ବଦଳିବାରେ ଲାଗିଛି । ବାବାଙ୍କୁ ଧରିବାପରେ ବାବାଙ୍କ ବିରୋଧରେ ବିଭିନ୍ନ ସଂସ୍ଥା ତରଫରୁ ଏବଂ ସରକାରଙ୍କ ତରଫରୁ ମଧ୍ୟ ଅନେକ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଗଲାଣି । ଭାବିଲେ ଅଦ୍ଭୁତ ଲାଗେ ଯେ ଯେଉଁମାନେ ସାଧାରଣ ଜୀବନକୁ ତ୍ୟାଗ କରିଦେଇ ଭଗବତ୍ ମାର୍ଗରେ ଚାଲିଲେ ସେମାନେ ସାଂସାରିକ ସୁଖରୁ ନିବୃତ୍ତ ରହିବା ବିଧେୟ ବୋଲି କୁହାଗଲା । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଆଜିକାଲି ବାବାମାନେ ନିଜକୁ ସମସ୍ତ ପ୍ରକାର ସାଂସାରିକ ସୁଖର ଅଭ୍ୟସ୍ତ କରି ପକାଇଲେଣି । କେହି ବାବା ୧୧୦୦ କୋଟିର ମାଲିକ ତ ପୁଣି କିଏ ଅଗଣିତ ଆଶ୍ରମର ମାଲିକ । ସେମାନେ ଆସନ୍ତି ଯାଆନ୍ତି ନିଜ ହେଲିକପ୍ଟରରେ କିମ୍ବା ଉଡ଼ାଯାହାଜରେ । ରହନ୍ତି ବହୁତଳ ବିଶିଷ୍ଟ ପ୍ରାସାଦ ମାନଙ୍କରେ । ପାଖରେ ଅଗଣିତ ପରିଚାରକ ଓ ସେବକ ସେବିକା । ସବୁବେଳେ ଟିଭିର ପରଦାରେ ଦେଖାଦେଇ ପ୍ରବଚନ ଦେଉଥାନ୍ତି । ସେମାନଙ୍କର ଥାଟ୍ ଦେଖି ଅନେକେ ମନେ ମନେ ଭାବୁଥିବେ ଆମେ ପାଠ ପଢ଼ି ଚାକିରୀ କଲେ ବି ଏତେ ସମ୍ପତ୍ତି କରିପାରିବା ନାହିଁ, ଚାଲ ବାବାଜୀ ହେବା । ଗେରୁଆ ବସ୍ତ୍ର କିମ୍ବା ଧଳା ବସ୍ତ୍ର ପରିହିତ ହୋଇ ଭକ୍ତ ମଣ୍ଡଳୀରେ ବସି ନାଚଗୀତ କରିବା ଆଉ ଧନ ସହିତ ରାତ୍ରୀର ଅନ୍ଧକାରମୟ ପ୍ରହରୀରେ କୌଣସି ମହିଳା ଭକ୍ତଙ୍କ ସହ ଦୈହିକ ଜ୍ଞାନ ଆହରଣ କରିବା । ଆଉ ଧରାପଡ଼ିଗଲେ କହିବା, ଯାହା ହେଉଛି ସବୁ ଭଗବାନଙ୍କ ଇଚ୍ଛା, ମୁଁ କିଛି କରିନାହିଁ, ଏ ସବୁ ମୋ ବିରୁଦ୍ଧରେ ଏକ ଷଡ଼ଯନ୍ତ୍ର ।

ମାନସମନ୍ଥନ କରିବାପାଇଁ ଏତିକି ସମ୍ପାଦକୀୟ ଯଥେଷ୍ଟ ବୋଲି ମୁଁ ଭାବୁଛି । ଅବଶ୍ୟ କିଛି ପାଠକ ଏହି ସମ୍ପାଦକୀୟକୁ ଅଣସାହିତ୍ୟିକ ବା ଅସ୍ୱାଦୁକର ସାରା ଦେଶ ଗଜାନନଙ୍କ ଆଗମନରେ ଖୁସିରେ ଉତ୍ଫୁଲ୍ଲିତ ହୋଇ ଉତ୍ସବମୁଖର ହୋଇ ଉଠିଛି, ସେତେବେଳେ ଉତ୍ତରପ୍ରଦେଶରେ ଏହି ଜିଲ୍ଲାର ଲୋକମାନେ ପରସ୍ପରର ରକ୍ତ ଦେଖିବାପାଇଁ ଆତୁର ହୋଇ ଉଠିବା ନିଶ୍ଚୟଭାବେ ଏକ ଦୁଃଖଦ ଘଟଣା । ମୁଁ ଏହିପରି ଜାତିଆଣ ଦଙ୍ଗାକୁ ଘୋର ଶବ୍ଦରେ ନିନ୍ଦା କରେ ଏବଂ ଭାବୁଛି, ଆହ୍ୱାନ ଇ-ପତ୍ରିକା ପଢୁଥିବା ସମସ୍ତ ପାଠକପାଠିକ ମଧ୍ୟ ମୋ ସହ ସହମତ ହେବେ ।

ଶେଷରେ ଭଗବାନ ଶ୍ରୀ ଗଣେଶଙ୍କ ଆଗମନର ପର୍ବ ବିନାୟକ ଚତୁର୍ଥୀ ଉପଲକ୍ଷେ ସମସ୍ତ ପାଠକ ପାଠିକାଙ୍କୁ ଭଗବାନ ବିଘ୍ନହରଣ କରି ଦୀର୍ଘାୟୁ ପ୍ରଦାନ କରନ୍ତୁ ବୋଲି ପ୍ରାର୍ଥନା କରୁଛି । ଆଜି ପଶ୍ଚିମ ଓଡ଼ିଶାର ଏକ ପ୍ରମୁଖ ପର୍ବ ନୂଆଖାଇ । ପବିତ୍ର ନୂଆଖାଇ ଅବସରରେ ବିଭିନ୍ନ ସ୍ଥାନରେ ମନୋରଞ୍ଜନ କାର୍ଯ୍ୟକ୍ରମମାନେ ଆୟୋଜନ କରାଯାଏ । ପଶ୍ଚିମ ଓଡ଼ିଶାରେ ଏହି ପର୍ବକୁ ନୂଆଖାଇ ଭେଟଘାଟ୍ ବୋଲି ମଧ୍ୟ କୁହାଯାଏ । ଏହି ପର୍ବ ଉପଲକ୍ଷେ ମୁଁ ସମସ୍ତ ଓଡ଼ିଶାବାସୀଙ୍କୁ ଅଭିନନ୍ଦନ ଜଣାଉଛି । ନୂଆ ଫସଲ ପରେ ନୂଆ ଚାଉଳରେ ତିଆରି ହୋଇଥିବା ପିଠାପଣା ସମେତ ଅନେକ ଆଞ୍ଚଳିକ ଖାଦ୍ୟ ପରଶି ଏହି ପର୍ବକୁ ପାଳନ କରାଯାଏ । ସୌଭାଗ୍ୟବଶତଃ ମୋ ଚାକିରୀ ଜୀବନ ପ୍ରାରମ୍ଭରେ ମୁଁ ସୁବର୍ଣ୍ଣପୁର ଜିଲ୍ଲାରେ ଥିବା ସମୟରେ ଗୋଟିଏ ବର୍ଷ ନୂଆଖାଇ ଭେଟଘାଟରେ ସାମିଲ୍ ହେବାର ସୌଭାଗ୍ୟ ପାଇଥିଲି । ମୋତେ ଏହି ପର୍ବରେ ଗାଁର ଘରେ ଘରେ ହେଉଥିବା ପିଠାପଣା ଏବଂ ଆଗମନ କରିଥିବା ଅତିଥିଙ୍କୁ ସମୁଦାୟ ଗାଁର ପ୍ରତ୍ୟେକ ଘରେ ସ୍ୱାଗତ କରି ଖୁଆଇବାର ପରମ୍ପରା ବହୁତ ଭଲ ଲାଗିଥିଲା । ସୂଚନାଯୋଗ୍ୟ ଯେ ମୁଁ ଜନୈକ ବ୍ୟକ୍ତିଙ୍କ ସହ ତାଙ୍କ ଭଉଣୀଙ୍କ ଗାଁକୁ ଯାଇଥିବା ସମୟରେ ସେହି ଗ୍ରାମର ଅନେକ ଅଧିବାସୀ ନିଜ ଘରକୁ ନିମନ୍ତ୍ରଣ କରି ବିଭିନ୍ନ ପ୍ରକାରର ସୁଖାଦ୍ୟ ଖୁଆଇଥିଲେ ଏବଂ ଏହା ମୋତେ ଅତ୍ୟନ୍ତ ଆନନ୍ଦ ଦେଇଥିଲା । ଏହିପରି ସଦଭାବନା ଓ ଭାତୃତ୍ୱର ନିଦର୍ଶନ ହିଁ ଆମ ବିଶାଳ ଭାରତବର୍ଷର ଐକ୍ୟର କାରଣ । ଆମେ ସମସ୍ତେ ଜାତିଧର୍ମବର୍ଣ୍ଣ ନିର୍ବିଶେଷରେ ଏକ ।

ଆଶା କରୁଛି ଚଳିତ ମାସର ଆହ୍ୱାନ ଆପଣମାନଙ୍କୁ ଆମୋଦିତ କରିବ । ପତ୍ରିକାରେ ଦିଆଯାଇଥିବା ବିଭିନ୍ନ କଥାକାହାଣୀ ଓ କବିତା ବିଷୟରେ ନିଜସ୍ୱ ମତାମତ ଆମକୁ ଅବଶ୍ୟ ଜଣାଇବେ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସୂଚୀପତ୍ର


| | |
|---|---|
| ମା | ୮ |
| ସନମ କୁମାରୀ | |
| ମାଆ ମୋର ଚାଲିଗଲା | ୯ |
| ଡା ସହଦେବ ସ୍ୱାଇଁ | |
| ପ୍ରେମ ଅତୃପ୍ତ ମନର ଅକୁହା ବେଦନା | ୧୧ |
| ବୈକୁଣ୍ଠନାଥ ସାହୁ ଓ ଜଗମୋହନ ବାଘ | |
| ଖେଳନା ନୁହଇଁ ନାରୀ – ୩ | ୧୩ |
| ରଶ୍ମିରଞ୍ଜନ କର | |
| ଭାରତୀୟ ମୁଦ୍ରାର ଅବମୂଲ୍ୟାୟନ | ୧୪ |
| ପ୍ରୀତିପ୍ରିୟଦର୍ଶିନୀ ମହାପାତ୍ର | |
| ଆରମ୍ଭ | ୧୬ |
| ରଞ୍ଜନ କୁମାର ପାଣିଗ୍ରାହୀ | |
| ବାବୁଭାଇଙ୍କ ନିଜ କଥା | ୧୮ |
| ଅରବିନ୍ଦ ଆଚାର୍ଯ୍ୟ | |
| ଭଗବାନ କିଏ ? | ୨୫ |
| ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | |
| ତୁମେ ଗଲାପରେ | ୨୬ |
| ଶୁଚିସ୍ମିତା ଗୁରୁ | |
| ଜେଜେଙ୍କ ପ୍ରେମ | ୨୮ |
| ଜୟନ୍ତ ଦାସ | |
| ଅସମ୍ପୂର୍ଣ୍ଣା | ୩୦ |
| ବନାନୀ ଶତପଥୀ | |
| ତୁମେ ଫୁଲଟିଏ | ୩୨ |
| ଅବିନାଶ କୁମାର ସାହୁ | |
| ଯେବେ ଦେଖାହେବ | ୩୩ |
| ସବ୍ୟସାଚୀ ରଥ | |
| ତୁମେ | ୩୪ |
| ସନ୍ତୋଷ କୁମାର ସାହୁ | |
| ପୂର୍ବରାଗ | ୩୬ |
| ଶଙ୍କର୍ଷଣ ପରିଡ଼ା | |
| ବନାନୀ | ୩୮ |
| ବିନୟ ମୋହନ ଦାସ | |
| ମା' ମୋର | ୪୦ |
| ନିବେଦିତା ମିଶ୍ରଗୁରୁ | |
| ଭୁଲ ରାସ୍ତା | ୪୧ |
| ପତିତପାବନ ଲେଙ୍କା | |
| ଗୁରୁ ହିଁ ସାକ୍ଷାତ ଈଶ୍ୱର | ୪୨ |
| ମୌସୁମୀ ଦାସ | |
| ଅଭିଭାବକ ମାନଙ୍କ ପାଇଁ ଖୁସି ଖବର | ୪୩ |
| ଭାଙ୍ଗିଦିଅ ମେରୁଦଣ୍ଡ | ୪୫ |
| ଡା ମେଜର ଗୌରୀ ପ୍ରସାଦ ମହାପାତ୍ର | |
| ମୁହଁଚୁଆଁ | ୪୬ |
| ତାରାପ୍ରସାଦ ଜେନା | |
| ଆସ ବୁଲିଯିବା ଆମ ରାଇଜ | ୪୮ |
| ଜଗନ୍ନାଥ ରାୟ | |
| ବସନ୍ତ ଆସିଛି | ୫୮ |
| କମଳ କୁମାର ଦାସ | |
| କହିଲେ କହୁଛି କହିଲା ବୋଲି | ୫୯ |
| ପ୍ରଶାନ୍ତ କୁମାର ଭୂୟାଁ | |
| ବିଶେଷ ସୂଚନା | ୬୪ |

# ମା



ସନମ୍ କୁମାରୀ

ଭାବର ସହରେ ମୋର ମନ ମନ୍ଦିର
ମନ ମନ୍ଦିରରେ ମା ତୁ ଦେବୀ ମୋହର
ତୋ ପାଇଁ ସେହି ମନ ଆଜି ସରଗ ପୁର
ତୋ ବିନା ନାହି ଆଉ କିଛି ଖୁସି ମୋହର [୧]

ପୃଥିବୀଠୁ ବଡ଼ ମା'ତୁ ଆକାଶ ଠୁ ଉଚ୍ଚ
ତୋ ସ୍ପର୍ଶ ଭରିଦିଏ ଜିବନେ ମହକ
ତୁ ମୋର ସ୍ୱପ୍ନ ମା ତୁ ମୋର ଆଶା
ତୋ ବିନା ଜୀବନ ମୋ ଅନ୍ଧକାର ରାସ୍ତା[୨]

ତୋ ଠାରୁ ଜୀବନର ମନ୍ତ୍ର ମୁଁ ଶିଖିଛି
ଭୁଲିବିନି ତାକୁ କେବେ କଥା ମୁଁ ଦେଉଛି
ତୋ କଥା ଶୁଣି ବାଟ ଚାଲୁଥିବି
ଜୀଇଁଥିବା ଯାଏ ତୋ ପାଶେ ରହିଥିବି[୩]

ମା ତୋ'ପାଶେ ମୁଁ କରୁଅଛି ଅଳି
ମୋତେ କେବେ ଭୁଲିବୁନି ମାଁ ମୋହରି
ତୋ ବିନା ଜୀବନ ମୋ ମରୁଭୂମି ସମ
ତୋ ପାଇ ଜୀବନ ମୋ ସ୍ୱପ୍ନର ମହଲ[୪]

# ମାଆ ମୋର ଚାଲିଗଲା...



ଡା ସହଦେବ ସ୍ୱାଇଁ

ମାଆ ମୋର ଚାଲିଗଲା
ନଇଁ ନଇଁ ଚାଲୁଥିଲା
ଟୁକୁ ଟୁକୁ ଦେଖୁଥିଲା
ମୋତେ ଦେଖି ହସୁଥିଲା
ମାଆ ମୋର ଚାଲିଗଲା ।୧।

କେତେ ଗପ ଗପୁଥିଲା
ପାହାନ୍ତିଆରୁ ଡାକୁଥିଲା
ଲଣ୍ଠନ ଲାଗେଇ ଦେଇ
ପାଠ ପଢ଼ କହୁଥିଲା
ମାଆ ମୋର ଚାଲିଗଲା ।୨।

ମାଆ ମୋର ମାଆ ନୁହେଁ
ମୋ ବାପାଙ୍କ ମା' ସିଏ
ତା ବୁକୁର କ୍ଷୀର ଦେଲା
କାଖେଇ କୋଳେଇ ନେଲା
ମାଆ ମୋର ଚାଲିଗଲା ।୩।

ଦୁଃଖେ ସୁଖେ ସାଥୀ ଥିଲା
ପଖାଳ ଓ ଭଜା ଦେଲା
ନିଜେ ସିନା ମୂର୍ଖ ଥିଲା
ହାଇସ୍କୁଲ ପଠାଇଲା

ମାଆ ମୋର ଚାଲିଗଲା ।୪ ।

ଗାଆଁରୁ ସହର ଗଲା
ପୁଅ ଝିଅ ବାହା କଲା
ନାତି ଅଣନାତି କଲା
କାଶୀ ପଣ୍ଡିଚେରୀ ଗଲା
ମାଆ ମୋର ଚାଲିଗଲା ।୫ ।

ଅଶି ବର୍ଷ ବଞ୍ଚିଥିଲା
କେତେ କଷ୍ଟ କରିଥିଲା
ଡିମେନ୍‌ସିଆ ଲାଗିଗଲା
ସବୁକିଛି ଭୁଲିଗଲା
ମାଆ ମୋର ଚାଲିଗଲା ।୬ ।

କେତେ ସ୍ନେହ କରିଥିଲା
ଡାକ୍ତର ବୋଲି ଗର୍ବଥିଲା
ମାଆ ସିନା ଚାଲିଗଲା
ସ୍ମୃତି ତା'ର ରହିଗଲା
ମାଆ ମୋର ଚାଲିଗଲା ।୭ ।

(ସ୍ୱର୍ଗୀୟା ଶୋଭା ସ୍ୱାଇଁଙ୍କର ବାର୍ଷିକ ସ୍ୱର୍ଗବାସର ସ୍ମୃତିରେ କବିତାଟି ଉତ୍ସର୍ଗୀକୃତ)

# ପ୍ରେମ-ଅତୃପ୍ତମନର ଅକୁହା ବେଦନା

ବୈକୁଣ୍ଠ ନାଥ ସାହୁ ଓ
ଜଗମୋହନ ବାଘ

NIT, Rourkela
No Photos Submitted

ତୁମ ଝାପସା ହସର ସହରେ,
ମିଛ ସ୍ୱପ୍ନର ଧାରା ।
ସବୁ ଲୁହ ତ ତୁମର,
ଶକ୍ତ ଅଭିଶାପେ ଭରା ॥

ଜାଣେ ମୁଁ ,
ମୋ ଆଶାଟେ ତପ୍ତ ଖଡ ଆଶଙ୍କା,
କେବେବି ଲୁଟିପାରେ କାଳ ସାଜି,
ଦେହ, ମନ, ଭରସା ।
ତଥାପି ତ ହଜିଛି ତୁମଠି;
ପ୍ରେମିକଟେ ସାଜି,
ଖେଳିବାକୁ ପଡେ ଏଠି ଜୀବନର ବାଜି ॥

ତୁମ ପ୍ରତିଟି ଦୁଃଖର ଦାନେ;
ଲୀନ ହେବା ପାଇଁ,
ଏକାନ୍ତରେ ନିଜେ ପଛେ;
ବାହୁନି ବି ନିଜ ପାଇଁ,
ତୁମ ସାଥେ ଥିବା ଯାଏ;
ବଞ୍ଚୁଥିବି ତୁମପାଇଁ ॥

ନୀରବତା ଅଟେ ମୋ ପ୍ରେମର ଭାଷା,

ମାନେ ଭରୁଥାଏ ମୋର କେତେ ଯେ ଆଶା ।

ଜାଣୁଛି ଯେ ମୁଁ ଆଜି ଧାଉଁଥିଲି,

ମରିଚୀକା ପ୍ରେମୀ ସାଜି ।

ଯେତେ ରୋକିଲେ ବି ମନ ଅବୁଝା ମନ,

ହଉନଥିଲା ଯେ ରାଜି ॥

ପ୍ରେମ ଏ ଅପୂର୍ବ ସୁଖ,

ଶୁଷ୍କ ମନର ଦୂରକରେ ଦୁଃଖ ।

ଅତୃପ୍ତ ସାଧନାର ଏ ଯେ  ଅକୁହା ବେଦନା ,

ଚାଲିଆସେ ସପନେ -ଚାଲିଯାଏ ସପନେ ,

ନପଡେ ଯେ ଜଣା ॥

ସମୟ ଚକରେ ଗଡିଯାଏ ,

ଏ ଜୀବନ ରଥ।

ବାଟବଣା ହୋଇ ରହିଯାଏ,

ପ୍ରେମର ଏ ପଥ ॥

# ଖେଳନା ନୁହଇଁ ନାରୀ – ୩



ରଶ୍ମିରଞ୍ଜନ କର

ରଶ୍ମିରଞ୍ଜନ କର

ଗର୍ବିତ ସନ୍ତାନ ମୋ ମାତୃଭୂମିର
ପିତାଙ୍କର ସ୍ନେହି କନ୍ୟା,
ମୁଁ ସେହି କିରଣ ମୁଁ ସେହି ପ୍ରତିଭା
କଳ୍ପନା, ଲତା ଓ ସାଇନା ।୧।
ଦେଶ ଶାସନରୁ ଖେଳକୁଦ ଯାଏଁ
ନିଜକୁ କରି ସ୍ଥାପିତ,
ସାହିତ୍ୟ ବିଜ୍ଞାନ କଳା ସଂସ୍କୃତିରେ
ହୋଇଛି ବିଶ୍ୱ ଚର୍ଚ୍ଚିତ ।୨।
ଆଜି ଏ ବିଶ୍ୱର କୋଣେ ଅନୁକୋଣେ
ସବୁଠି ଆଗରେ ମୁଁ,
ଭ୍ରୂଣହତ୍ୟା ଅବା ବଳାତ୍କାରୁ କିଆଁ
ବିରତ ନ ରହୁ ତୁ ।୩।
ମୁଁ ବଞ୍ଚିଥିଲେ ତ ପାଇବୁ ପ୍ରେମିକା
ଭଗ୍ନୀ ମାଆ ଝିଅଟିଏ ?
ବଂଶଧାରା କି ତୋ ଆଗକୁ ବଢ଼ିବ
ନ ପାଇଲେ ପତ୍ନୀଟିଏ ।୪।
ମଣିଷ ଜୀବନେ ମହତ୍ତ୍ୱ ନାରୀର
ବୁଝୁନୁ କାହିଁ ରେ ମୂର୍ଖ,
ନାରୀ ଦିଏ ପରା ସର୍ବସୁଖ ଜାଣ
ସ୍ନେହ ତା'ର ନିଃସ୍ୱାର୍ଥ ।୫।
ମନେ ରଖିଥାରେ ଯଉତୁକ ଲୋଭୀ
ଜାଣିଥାରେ ବ୍ୟଭିଚାରୀ,
ସେହି ନାରୀ ସ୍ନେହେ ଉଦ୍ଧାର ପାଇବୁ
ନାରୀ କୁ ନ ଦେ ତୁ ମାରି ।୬।

# ଭାରତୀୟ ମୁଦ୍ରାର ଅବମୂଲ୍ୟାୟନ


ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ଶ୍ରୀମତି ପ୍ରୀତିପ୍ରିୟଦର୍ଶିନୀ ମହାପାତ୍ର

ବିଗତ ସପ୍ତାହରେ ଭାରତୀୟ ମୁଦ୍ରା ବଜାରରେ ଟଙ୍କା ତୁଳନାରେ ଡଲାର ଅଧିକ ଶକ୍ତିଶାଳୀ ହେବାପଛରେ ରହସ୍ୟ କଣ ? କାହିଁକି ଡଲାର୍ ଯାହା ମାତ୍ର ବର୍ଷେ ତଳେ ୩୯ ଟଙ୍କାରେ ଥିଲା ଏବେ ୬୮ ଟଙ୍କାରେ ପହଞ୍ଚିଛି ?

ଏହା ପଛରେ ଆମେରିକୀୟ ଅର୍ଥବ୍ୟବସ୍ଥାର ପ୍ରଚ୍ଛନ୍ନ ହାତ ରହିଛି । ଏହାର କାରଣ କଣ ଆମେରିକୀୟ ଅର୍ଥବ୍ୟବସ୍ଥାରେ ଉନ୍ନତି ? ନା, ଏହା କେବଳ ଓ କେବଳ ଭାରତୀୟ ଅର୍ଥଶାସ୍ତ୍ରୀମାନଙ୍କ ଦକ୍ଷତାର ଅଭାବ ମାତ୍ର ।

ଭାରତୀୟ ବଜାରକୁ ବହୁ ରାଷ୍ଟ୍ରୀୟ କମ୍ପାନୀ ମାନଙ୍କୁ ବ୍ୟବସାୟ କରିବାର ସୁଯୋଗ ଦେଇଦେବା ଆମ ଅର୍ଥବ୍ୟବସ୍ଥାକୁ ଦୁର୍ବଳ କରିବାପାଇଁ ଯଥେଷ୍ଟ । ସାଧାରଣତଃ ଆମେ ପିଉଥିବା ଥଣ୍ଡା ପାନୀୟର ନିର୍ମାଣରେ ଏକ ଟଙ୍କାରୁ ବି କମ ଖର୍ଚ୍ଚ ହୁଏ କିନ୍ତୁ ଏହାକୁ ଦଶଟଙ୍କାରେ ବିକ୍ରୟ କରାଯାଏ, ଏବଂ ଏହାର ଏକ ବଡ଼ ଅଂଶ ବିଦେଶକୁ ଚାଲିଯାଏ, କାରଣ ଆମେ ସେ ଦେଶର କୌଣସି ଉତ୍ପାଦର ଏକ ନାମକୁ ବ୍ୟବହାର କରୁଥାଉ ବୋଲି । କେବଳ ଫ୍ରାଞ୍ଚାଇଜ୍ ପାଇବା ପାଇଁ ଭାରତୀୟ ବ୍ୟବସାୟିକ ଗୋଷ୍ଠୀ ବିଦେଶକୁ କୋଟି କୋଟି ଟଙ୍କା ଦେଇଥାନ୍ତି । ପ୍ରତିବର୍ଷ ଏହିପରି ହଜାର ହଜାର କୋଟି ଟଙ୍କା ଆମ ଦେଶରୁ ବିଦେଶକୁ ରପ୍ତାନୀ ହୋଇଯାଏ ।

ଏବେ ଚିନ୍ତା କରି ଦେଖିବା ସମୟ ଆସିଛି, ଡଲାରର ମୂଲ୍ୟ ବଢୁଛି କାହିଁକି ? ଯଦି ଭାରତରେ ଉତ୍ପାଦନ ହେଉଥିବା ବସ୍ତୁ ବିଦେଶକୁ ରପ୍ତାନୀ କରାଯାଆନ୍ତା, ତେବେ ଭାରତକୁ ଡଲାର୍ ଆସୁଥାନ୍ତା, ଏବଂ ଭାରତର

ଶେୟାର୍ ବଜାରରେ ବିଦେଶୀ ଉପଭୋକ୍ତାମାନେ ଡଲାର ଲଗାଇଥାନ୍ତେ, କିନ୍ତୁ ଦୁର୍ଭାଗ୍ୟର ବିଷୟ ବିଗତ ପାଞ୍ଚବର୍ଷରେ ଭାରତର ଶେୟାର ବଜାର ଯେଉଁପ୍ରକାର ଦୁର୍ଗତି ମଧ୍ୟରେ ଗତି କରୁଛି, ସେଥିରେ ହତୋତ୍ସାହିତ ହୋଇ ଅନେକ ବିଦେଶୀ ଅର୍ଥନିବେଶକାରୀ ଭାରତରେ ନିବେଶ କରିଥିବା ଡଲାର ଉଠେଇ ନେଇଯାଇଛନ୍ତି, ଯାହା ଫଳରେ ଡଲାରର ମୂଲ୍ୟ ବୃଦ୍ଧି ହୋଇଛି ।

ଆମେ ଯେତିକି ଜିନିଷ ଆମଦାନୀ କରୁଛେ, ତାହାଠୁ ଢେର୍ କମ ରପ୍ତାନୀ କରୁଛେ, ଅର୍ଥାତ ଆମେ ଡଲାର ଆକାରରେ ଅଧିକ ଖର୍ଚ୍ଚ କରୁଛେ କିନ୍ତୁ ଟଙ୍କା ଆକାରରେ କମ୍ ଆଦାୟ କରୁଛେ । ତେଣୁ ଟଙ୍କାର ମୂଲ୍ୟ ହ୍ରାସ ପାଇବାରେ ଲାଗିଛି ।

ଗ୍ଲୋବାଲାଇଜେସନ୍ ବା ବହୁରାଷ୍ଟ୍ରୀୟକରଣ ପ୍ରକ୍ରିୟାରେ ଆମେ ବିଦେଶରୁ ଆମଦାନୀ ହେଉଥିବା ବସ୍ତୁମାନଙ୍କ ମୋହରେ ପଡ଼ିଯାଉଛେ, ସତ କିନ୍ତୁ ଅନ୍ୟ ଦୃଷ୍ଟିରେ ଦେଖିଲେ ଏହା ଏକ ପ୍ରକାର ଉପନିବେଶବାଦ ବୋଲି ମଧ୍ୟ କହିପାରିବା । ବିଦେଶୀ ବସ୍ତୁ ଓ ସଂସ୍କୃତି ଧିରେ ଧିରେ ଆମ ସଂସ୍କୃତି ଉପରେ ପ୍ରଭାବ ଦେଖାଇବାରେ ଲାଗିଛି । ସଂପ୍ରତି ଏହାର ପ୍ରଭାବ ଆମ ବଜାର ଉପରେ ପଡୁଛି ।

ଆମେରୀକିୟ ଉପନିବେଶବାଦର ପ୍ରଭାବ ଅନେକ ଦେଶ ଯଥା, ମେକ୍ସିକୋ, କୋରିଆ, ଆଦି ଦେଶରେ ଦେଖାଯାଇଥିଲା ଅତୀତରେ, ଏବେ ଭାରତ ସେହି ସମୟ ଦେଇ ଗତି କରୁଛି, ଯଦି ଆମେ ସାଧାରଣ ମନୁଷ୍ୟମାନେ ନିଜେ ନ ସୁଧୁରିବା ତା'ହେଲେ ଦିନ ଆସିବ ଆମ ଟଙ୍କାର ମୂଲ୍ୟ ଡଲାର ତୁଳନାରେ କିଛି ରହିବ ନାହିଁ । ଏହାଫଳରେ ଅଧିକ ଅସୁବିଧା ଭୋଗିବା କେବଳ ଆମେ । ଆମ ପିଲାମାନେ ବିଦେଶରେ ଯାଇ ଶିକ୍ଷା ପାଇବେ ନାହିଁ । ବିଦେଶର ସଂସ୍ଥାମାନେ ଆମ ପିଲାମାନଙ୍କୁ ଚାକିରୀ ଦେବେ ନାହିଁ । ଯେଉଁ ଅଳ୍ପ କେତେଜଣ ବିଦେଶରେ ଚାକିରୀ ପାଇବେ ସେମାନେ ବହୁତ କମ ଦରମାରେ ଚାକିରୀ କରିବେ, ଏହା ଏକ ପ୍ରକାରର ଦାସପ୍ରଥା ହେବ ତାହା ନିଶ୍ଚୟ । ବର୍ତ୍ତମାନ ବି ଆମ ଦେଶରୁ ଆମେରିକା ଯାଇ କମ୍ପ୍ୟୁଟର ଇଞ୍ଜିନିୟରିଂ କରୁଥିବା ଅନେକ ଲୋକ ଆମେରିକୀୟ ବେତନଭୋଗୀଙ୍କ ଠାରୁ ଢେର୍ କମ ଦରମାରେ କାମ କରୁଛନ୍ତି । ଏହି ସମସ୍ୟା ଅଧିକ ବଳବତ୍ତର ହେବ ।

ଆମ ଦେଶର ଅଧିକାଂଶ ପୁଞ୍ଜି ବିଦେଶରୁ କଞ୍ଚା ତୈଳ ଆମଦାନୀରେ ଖର୍ଚ୍ଚ ହୁଏ, ଯଦି ଆମେ ପେଟ୍ରୋଲିୟମ୍ ପଦାର୍ଥର ବ୍ୟବହାର କମ୍ କରିବା ନାହିଁ, ତେବେ ଆମର ଦେଶର ଅର୍ଥଭଣ୍ଡାର ଦିନକୁ

ଦିନ କମ୍ ହୋଇଯିବ । ଏହାର ଦୁଷ୍ପ୍ରଭାବ ଆମ ଅର୍ଥନୀତି ଉପରେ ପଡ଼ିବ ।

ତେଣୁ ବିଦେଶୀ ବସ୍ତୁ ଓ ସେବାର ବ୍ୟବହାର ଆମେ ଯେତେ କମ କରିବା ଆମେ ସେତେ ଅଧିକ ଡଲାର ବଞ୍ଚାଇପାରିବା । ଯାନବାହାନ ବ୍ୟବହାର ସମୟରେ ଯଥାସମ୍ଭବ କମ ତୈଳ ବ୍ୟବହାର କରିବା, କିମ୍ବା ସାର୍ବଜନୀନ ଯାତାୟାତର ବ୍ୟବହାର କରିବା ଦ୍ୱାରା ପେଟ୍ରୋଲିୟମ ପଦାର୍ଥର ବ୍ୟବହାର କମ କରିପାରିବା । ବିଦେଶୀ ବସ୍ତୁ ବ୍ୟବହାର କମ୍ କରିବା । ଅତ୍ୟାବଶ୍ୟକ ପଦାର୍ଥ ମାନଙ୍କୁ ଛାଡ଼ିଦେଲେ, ସୌଖୀନ ବ୍ୟବହାର୍ଯ୍ୟ ପଦାର୍ଥର ବ୍ୟବହାର ଯଥା ସମ୍ଭବ କମ କରିଦେଲେ ଆମ ପାଇଁ ନିଶ୍ଚୟ ଭାବରେ ଭଲ ହେବ ।

ଟମାଟ ପେଟ୍ରୋଲ୍ ଲୁହ ବହାଉଛି
ପିଆଜକୁ ଦେଖି କୋହ
ଦେଶର ଅବସ୍ଥା ଦେଖି ଦେଖି ମରେ
ଛାଡୁଛି ବଞ୍ଚିବା ମୋହ...

ଦିନୁ ଦିନ ବଢ଼େ ବଞ୍ଚିବାର ମୂଲ୍ୟ
ଦରମା ବଢ଼େନି ସେତେ,
ଖାଇ ଖୁଆଇବା ପାଇଁ କି ନିଅଣ୍ଟ
ବଞ୍ଚାଇବି ଆଉ କେତେ ???

ଦିନ ରାତି ଖଟି ଦିଓଳି ପାଇଁ କି
ଦି ମୁଠା ଯୋଗାଡ଼ କରୁ,
ସେଥିରୁ ମଧ୍ୟ ହେ କର ବୋଲି ନିଅ
ଭୋକେ ପଛେ ଆମେ ମରୁ...

କେତେ ଅନ୍ୟାୟ ଓ ଅନୀତି ଦେଖିବା
କହିଲେ ବି ହେଲୁ ଦୋଷୀ,
ସତ କଥା ଭାଇ ସରକାର ନେଲେ
ଆମ ରକ୍ତମାଂସ ଶୋଷି...

ଗରିବ ନାଁରେ ମାଗଣା ଚାଉଳ
ଫୋନ୍ ଓ ବିଜୁଳୀବତୀ,
ଧନୀଲୋକେ କିଛି ଚିନ୍ତାନାହିଁ
ମରୁ ଧନପାଇଁ ଆମେ ନିତି...

ଇନ୍ଦିରା ଆବାସ, ୧୦୮ ଗାଡ଼ି
ସବୁ ତାଙ୍କ ପାଇଁ ଖଞ୍ଜା,
ମଧ୍ୟମବର୍ଗକୁ ବଳି ଦେବେ ସତେ
ଆମେ ଖାସି ଅବା ଗଞ୍ଜା....

ମୋଦି, ରାହୁଲ, ମାୟା ମୁଲାୟମ
ସେମାନଙ୍କୁ କିବା ଭୟ,
ଜିଭରେ ମନ୍ତର ଫୁଙ୍କିଲେ ଲୋକେ ବି
କରୁଥିବେ ଜୟ ଜୟ...

କେବେ ସୁଧୁରିବ ଏ ଦେଶ ଅବସ୍ଥା
ଦେଖିବାକୁ ଥିବ କିଏ,
ମାରି ଖାଉଥିବ ଝାମ୍ପି ନେଉଥିବ
ହୋଇଥିବ ନେତା ଯିଏ ...

# ଆରମ୍ଭ


ରଞ୍ଜନ କୁମାର ପାଣିଗ୍ରାହୀ

ରଞ୍ଜନ କୁମାର ପାଣିଗ୍ରାହୀ

ଯେବେ ଯେବେ ଭାବେ
ଆଉ ଭଲପାଇବିନି ତୋତେ
ମୋ ମନ, ପ୍ରାଣ, ହୃଦୟ ଦେଇ
ଆଉ ସଜାଇବିନି
ମୋ ପାଟରାଣୀ ବେଶରେ
ହୃଦୟର ପ୍ରତିଟି କୋଠରୀରୁ
ବାହାର କରି ଫୋପାଡ଼ି ଦେବି
ତୋତେ କେଉଁ ଏକ
ଅଜଣା ଅଚିହ୍ନା ସ୍ଥାନରେ
ଭୁଲିଯିବାକୁ ସବୁଦିନ ପାଇଁ
ଯେବେ ମନେ ମନେ ସ୍ଥିର କରେ
ସେତେବେଳେ କାହିଁକି କେଜାଣି
ଆରମ୍ଭ ହୁଏ ତୋ ପ୍ରତି
ବେଶୀ ବେଶୀ ଭଲପାଇବା
ଅଜାଣତରେ, ଅଗୋଚରରେ
ଚିହ୍ନା ଚିହ୍ନା ହୃଦୟର
ଅଚିହ୍ନା ସ୍ଥାନରେ ।


କାକୁଧର ଙ୍କ ନିଦକଥା
ଅରବିନ୍ଦ ଆଚାର୍ଯ୍ୟ
ଅରବିନ୍ଦ

# ବାବୁଭାଇଙ୍କ ନିଜ କଥା



ଅରବିନ୍ଦ ଆଚାର୍ଯ୍ୟ

-ପାଞ୍ଚ-

କୁନି ମୋ ପାଖରୁ ପ୍ରାୟ ଦୁଇ ତିନି ଘଣ୍ଟା ହେବ ଗଲାଣି । କିନ୍ତୁ ତା'ର ମୁହଁଟା ମୋର ପାଖରେ ସବୁବେଳେ ଦିଶୁଥାଏ । ଉପରବେଳା ମୁଁ ଓ ମା' ଦିହେଁ ତାଙ୍କ ଘରକୁ ଯିବାକୁ ବାହାରିଲୁ । ମା' କିନ୍ତୁ କୌଣସି କାମ ହେତୁ ଯାଇପାରିଲା ନାହିଁ । ମୁଁ ଏକୁଟିଆ ଚାଲିଲି । ଆଗରୁ ମୁଁ ଏପରି ଭାବରେ କାହା ଘରକୁ ହଠାତ୍ ଯାଇନଥିଲି । କିନ୍ତୁ ସେଦିନ ଏକୁଟିଆ ଏକୁଟିଆ ମୁଁ କିପରି ଭାବରେ ଜନ୍ମେଞ୍ଜୟ ବାବୁଙ୍କ ଘରକୁ ଚାଲିଗଲି ଓ ପୁରା ଫ୍ରି ହୋଇ ନିଜକୁ ସମସ୍ତଙ୍କ ସହ ମିଶେଇ ଦେଲି ମୁଁ ବୁଝିପାରିଲି ନାହିଁ ।

ସେଠି ମୁଁ ପହଞ୍ଚିବା ବେଳକୁ କୁନା, ଲୁନା, ମିନି ଆଉ ଜନ୍ମେଞ୍ଜୟ ବାବୁଙ୍କ ସାନ ଝିଅ ରିନା ପାଟି କରି ଉଠିଲେ -

'ବାବୁ ଭାଇ.... ବାବୁ ଭାଇ...'

ମୁଁ କିନ୍ତୁ କାହିଁକି କେଜାଣି, ତାଙ୍କ କଥାକୁ ମୁଣ୍ଡ ଭିତରେ ପୂରାଇଲି ନାହିଁ । ସିଧା ଘର ଭିତରକୁ ପଶିଲି । ସତେ ଯେପରି କିଏ ମୋତେ ଆକର୍ଷିତ କଲା । ଶୋଇବା ଘରେ ପଶୁ ପଶୁ କୁନି ଆଉ ତାର ଖୁଡ଼ି, ମାନେ ଜନ୍ମେଞ୍ଜୟ ବାବୁଙ୍କ ସ୍ତ୍ରୀଙ୍କୁ ଭେଟିଲି । କୁନି ତଳେ ବସିପଡ଼ି ଘର ଝାଡୁ ମାରୁଥିଲା । ଲାଲ୍ ରଙ୍ଗର ଗାଉନଟା ପିନ୍ଧିଥାଏ । ମତେ ଦେଖି ହଠାତ୍ ସଂଯତ ହେଲା । ମୁହଁ ତଳକୁ ପୋତି ଶୀଘ୍ର ଶୀଘ୍ର ଘର ସଫାରେ ଲାଗିଗଲା ।

ମୁଁ ଅନ୍ୟମାନଙ୍କ ସହିତ ଗପସପରେ ବ୍ୟସ୍ତ ହୋଇଗଲି । କୁନି ଏଇ ସମୟ ଭିତରେ ଝାଡୁ ମାରିଦେଇ ବହୁ ଗୁଡ଼ିଏ ଧରି ମୋ ପାଖକୁ ଆସିଲା । ପିଲାମାନଙ୍କୁ କହିଲା-

'ହେ! ଯାଉନ ରେ ସେଇଠି ଖେଳିବ ।'

-ମୁଁ ମନେ ମନେ ଭାରୀ ଖୁଶିଥିଲି । କହିଲି -

'ଥାଆନ୍ତୁ ସେମାନେ ।'

ମତେ ସିଏ ଟେରେଇ କି ଚାହିଁଲା । ସେଇଟା ତା'ର ସ୍ପେଶିମେନ୍ ଚାହାଣୀ । ମାନେ ମୁହଁଟାକୁ ପୁରା ଉପରକୁ ନ ଟେକି ଚାହିଁବା । ମୁଁ ହସୁଥିଲି ।

ଦୁହେଁ ଆଉ ଘରକୁ ଗଲୁ । ମସିଣାଟାଏ ବିଛେଇଦେଇ ବସିଲୁ । ମୁଁ ଦୂରତା ରକ୍ଷା କରି ବସିଥାଏ । ମନେ ମନେ କିନ୍ତୁ କିଛି ଅଲଗା କଥା ବିଚାର କରୁଥାଏ । ଯେତେବେଳେ ଦୂରରେ ଥିଲି ସେତେବେଳେ ପାଖକୁ ଆସିବାକୁ କେତେ ମନ ହେଉଥିଲା, ଆଜି ଏତେ ପାଖରେ ଥାଇ ବି ଶାଳୀନତା ଦେଖେଇ ଦୂରେଇ ଦେଉଛି !

ଅବଶ୍ୟ କୁନି ମୋତେ ବାରମ୍ବାର କହୁଥାଏ, 'ଠିକ୍ ସେ ବସୁନ ।' ମୋତେ ଭାରୀ ଭଲ ଲାଗୁଥିଲା ତା'ର ଏଇ କଥା ପଦକ । ମନ ହେଉଥିଲା ସେ ଯଦି ସବୁବେଳେ ମୋତେ ଏମିତି କୁହନ୍ତା କେମିତି ଲାଗନ୍ତା! କିନ୍ତୁ ତାକୁ ଛୁଇଁବାକୁ କାହିଁକି କେଜାଣି ମୋତେ ଭାରୀ ଭୟ ଲାଗେ । କଣ ସେ ବାଘ ନା ଭାଲୁ ? କିନ୍ତୁ କଥାବାର୍ତ୍ତା କରିବା ବେଳେ ମୁଁ ଏତେ ଖୁଶି ହୋଇଯାଏ ଯେ ମୋ ପାଟି ଆଉ ଆଖି ଦୁଇଟାରୁ ଖୁସିର ସୀମା ପାର ହେବା ପାଇଁ ପ୍ରବଳ ଉଚ୍ଛ୍ୱାସ ଉଠେ । ଆଖି ଆର୍ଦ୍ର ହୋଇ ଉଠେ ଖୁସିର ଲୁହରେ ।

ସେଦିନ ସାହିତ୍ୟ କଥା କିଛି ଆଲୋଚନା କଲୁ । କିନ୍ତୁ ପୂର୍ବ ଚିଠି ଗୁଡ଼ିକ ସମ୍ବନ୍ଧରେ ମୁଁ ଆଉ ସେ ଉଭୟ ଜଣେ ଅନ୍ୟକୁ ପଚାରିବାକୁ ପ୍ରବଳ ଇଚ୍ଛା ସତ୍ତ୍ୱେ କେହି ପଚାରି ପାରିଲୁ ନାହିଁ ଏବଂ ନିରବ ରହିଲୁ ।

ପ୍ରକୃତରେ କହିବାକୁ ଗଲେ ମୋତେ କାହିଁକି ତା'ପାଖରେ ବସି କେବଳ ତା'ମୁହଁକୁ ଚାହିଁ ରହିବାକୁ ପ୍ରବଳ ଇଚ୍ଛା ହେଉଥିଲା । ସେ କଣ ଭାବୁଥିଲା, ମୁଁ ଜାଣି ପାରିଲି ନାହିଁ । ଏଇ ଭାବନାଟା ଯଦି ମୋର ଖରାପ ବୋଲି ଧରାଯିବ । ତା'ହେଲେ ମୁଁ ବୋଧହୁଏ ପ୍ରଥମ ଥର ପାଇଁ ଖରାପ ଭାବନା ମୋ ମୁଣ୍ଡରେ ଭର୍ତ୍ତିକଲି । ଅବଶ୍ୟ ଏ ସବୁ ମୋ ଅଜାଣତରେ ହୋଇଗଲା ।

ଆଚ୍ଛା, ତା'ର ଅନ୍ୟ କୌଣସି ଅଙ୍ଗରେ ଦୃଷ୍ଟି ପଡ଼ିଲେ ମୁଁ ନିଜକୁ ଦୋଷୀ ମନେ କରୁଥିଲି । ତେଣୁ

ମୁଁ କେବଳ ତା ମୁହଁ ଓ ମୁଣ୍ଡରେ ହିଁ ମୋ ଦୃଷ୍ଟି ସୀମିତ ରଖିଲି । କୁଞ୍ଚୁକୁଞ୍ଚିଆ ଚୁଟି କେତେଟା ମୁହଁ ଆଗକୁ ଆସି ତାକୁ ଅସୁବିଧାରେ ପକାଉଥାଏ, ସିଏ ବାଁ ହାତରେ ତାକୁ ସଜାଡ଼ି ଦେଉଥାଏ । କିଛି ନଥାଇ ମଧ୍ୟ ମତେ ସବୁ ସୁନ୍ଦର ଲାଗୁଥାଏ । ସୁନ୍ଦରତା କଣ ତାହା ମୋତେ ଜଣାନାହିଁ, କିନ୍ତୁ କାହିଁକି ସେ ଏତେ ସୁନ୍ଦର୍ ଲାଗେ ତାହା ମୁଁ ଜାଣିପାରୁଥିଲି ।

ଯିଏ ଯାହାକୁ ହୃଦୟ ଦେଇ ଭଲ ପାଏ ସିଏ ତାକୁ ଖୁବ୍ ଭଲ ଲାଗେ । ଅବଶ୍ୟ ମୋ ବିଷୟରେ ତା'ର ଧାରଣା କଣ ମୁଁ ସେ ପର୍ଯ୍ୟନ୍ତ କିଛି ଅନୁମାନ କରି ପାରୁନଥାଏ ।

ମୋତେ ଏମିତି ଲାଗୁଥାଏ ସତେ ଯେମିତି ଆମେ ଦୁଇଜଣ ଅଲଗା ଅଲଗା ଶରୀର ପାଇଥିଲେ ସୁଦ୍ଧା ଆତ୍ମାରେ ଏକ । ଏଥିରେ କୌଣସି ପ୍ରକାର ଅଶ୍ଳୀଳତା ନାହିଁ, ଏହା ସମ୍ପୂର୍ଣ୍ଣ ଶାଳୀନ ଚିନ୍ତା ଧାର, ଏକାନ୍ତରେ ମୋର । ତା ଦେହରେ ଛୁଞ୍ଚିଟେ ଫୋଡ଼ିଦେଲେ ଯେମିତି ମୋତେ କାଟିବ ବାସ୍ ସେମିତି । କେତେ କଣ ଚିନ୍ତା କରି ଯାଉଥିଲି, କିନ୍ତୁ କାହିଁକି ଜାଣିନି ।

ପ୍ରକୃତରେ ମୋତେ 'ମୋହ' ରୂପକ ରାକ୍ଷସ ଜାବୁଡ଼ି ଧରିଥିଲା । ସେ ଏତେ ଯୋରରେ ଯେ ଭିଡ଼ି ଧରିବ, ତାହା ମୋ କଳ୍ପନାର ବାହାରେ । ପ୍ରକୃତରେ ମିଳନର ଫଳଟା ଯେତିକି ମିଠା ବିଚ୍ଛେଦର ଫଳଟା ସେମିତି ଖଟା ବୋଲି ମୁଁ ଅନୁଭବ କଲି । ଏପରି ଘଟଣା ଗୁଡ଼ାକ ହୃଦୟଙ୍ଗମ କରିହୁଏ କେବଳ ଅଙ୍ଗେ ନିଭେଇଥିଲେ ।

ବହୁତ ସମୟଧରି ମୁଁ ଓ ସିଏ ବସି ପଢ଼ିଲୁ ଓ କଥାବାର୍ତ୍ତା ହେଲୁ । ସିଏ ତଥାପି ମଧ୍ୟ ଫ୍ରିରେ କଥା ହେଉନଥାଏ । ମୁଁ ଯିବାପାଇଁ ନିଜକୁ ପ୍ରସ୍ତୁତ କଲି । ଅବଶ୍ୟ ତାକୁ ଛାଡ଼ି ଆସିବାକୁ ଟିକେ ବି ମନ ହେଉନଥିଲା । ସେ କଣ ଭାବୁଥିବ କେଜାଣି ? ସେ ବୋଧହୁଏ ଭାବୁଥିବ, 'ଏ ବଦମାଦ୍ ପିଲାଟା ଶୀଘ୍ର ଏଠୁ ଯାଆନ୍ତା କି ? ମୁଁ ଟିକେ ଶାନ୍ତି ପାଆନ୍ତି ।'

ପ୍ରକୃତରେ ମୁଁ ଭାରି ବଦମାସ୍ ହୋଇ ଆସୁଥିଲି । କିନ୍ତୁ ନିଜକୁ ଶାଳୀନତାର ସୀମା ଡେଇଁବାକୁ ଦେଉନଥିଲି । ସେ ଯାହେଉ ଶେଷରେ ଫେରିବାକୁ ହିଁ ହେଲା । ଅବଶ୍ୟ ମନ ନଥିଲା, କିନ୍ତୁ କଣ ଆଉ କରିଥାନ୍ତି, ସେଠି ରହିବା ବି ସମ୍ଭବ ନଥିଲା । ଛାଡ଼ି ଆସିଲି ସିନା ତା କଥାବାର୍ତ୍ତା ତା ରୂପ ସବୁ ମୋତେ ଛାଡ଼ିବାର ନାଁ ନେଉନଥିଲେ । ତା କଥା ସବୁ ବାରମ୍ବାର ମନେ ପଡୁଥିଲା ।

ଏମିତି ଏମିତି ତା'ର ମୋର ଦେଖା ସାକ୍ଷାତ ହେଲା । ଦୁହେଁ ଅବଶ୍ୟ ଏକାଠି ହେଲେ ପ୍ରତ୍ୟେକ ଅନ୍ୟକୁ ପାଠ ପଢ଼ା ଉପରେ ତାଗିଦ କରୁଥିଲୁ ମନରେ ଯାହା ଥାଉନା କାହିଁକି ଦୁହେଁ ଦୁହିଁଙ୍କୁ ପାଠ ପଢ଼ା ଆଉ ପରୀକ୍ଷା କଥା ଚେତାଇ ଦେଉ ଦେଉ ସମୟ ବିତେଇ ଦେଉଥିଲୁ । ପ୍ରକୃତରେ ସ୍ୱର୍ଗୀୟ ପରିବେଶ ସୃଷ୍ଟି ହେଉଥିଲା । କିନ୍ତୁ ଅନ୍ୟ ଲୋକ ମାନେ ଆମକୁ ଯେଉଁମାନେ ଘଣ୍ଟା ଘଣ୍ଟା ଧରି ଏକାଠି ବସି ପଢୁଥିବାର ଦେଖିଲେ, ସେମାନେ ମନରେ ଶଙ୍କା ଆଣିଲେ । କିନ୍ତୁ ମୁଁ ବାଜି ମାରିକହିଛି ଆମେ ଟିକେ ବି ସମୟ ଏଣୁତେଣୁ କଥାବାର୍ତ୍ତା କରିନାହୁଁ । ମୋତେ ଲାଗୁଥିଲା ମୁଁ ତାକୁ ମୋ ହୃଦୟ ଦେଇଦେଇଥିଲି, ଆଉ ବୋଧହୁଏ ସେ ବି ଏଇୟା ହିଁ ଭାବୁଥିବ ।

ମନେ ମନେ ମୁଁ ଭାବୁଥିଲି, ଯେ ଯଦି ଆମେ ପରସ୍ପରକୁ ଉତ୍ତେଜିତ କରିବୁ, ତା'ହେଲେ ଲାଭ କଣ ହେବ ? ବରଂ କ୍ଷତି ହିଁ ହେବ । ଉତ୍ତେଜିତ ହେବାଟା ସହଜ, କିନ୍ତୁ ତାକୁ ଶାଳୀନତାର ଦଉଡ଼ିରେ ବାନ୍ଧି ରଖିବା କଣ ସମ୍ଭବ ? ଆମେ ପରସ୍ପରର ମଙ୍ଗଳ ଚାହୁଁଥିଲୁ । ତେଣୁ କେହି କାହାକୁ କଷ୍ଟ ଦେଉନଥିଲୁ ।

ମୁଁ ଭାବୁଛି ଯଦି ଏପ୍ରକାରର ଭାବନା ପ୍ରତ୍ୟେକ ବିବାହିତଙ୍କ ମନରେ ଅନ୍ତରରୁ ଉକୁଟି ଉଠିବ, ତେବେ ସଂସାର ନିଶ୍ଚୟ ସ୍ୱର୍ଗରେ ପରିଣତ ହୋଇଯିବ । ଜଣେ ଅନ୍ୟକୁ କାହିଁକି କଷ୍ଟ ଦେବ ? ସେ ଯଦି ଅନ୍ୟର କଷ୍ଟକୁ ନିଜର କଷ୍ଟ ବୋଲି ଭାବିବ ସେ କାହିଁକି ଅନ୍ୟକୁ ଅବାଟରେ ଯିବାକୁ ସୁଯୋଗ ଦେବ? ନୁହେଁ କି ??

ହଁ, ଏ ପର୍ଯ୍ୟନ୍ତ ତା'ମୁହଁ ବିଷୟରେ ମୁଁ କିଛି ଲେଖିନି । ସରୁ ମୁହଁଟିଏ, ମଝିରେ ଖଣ୍ଡାଧାର ଭଳି ସରୁ ନାକଟିଏ । ଭସାଣିଆ ଭସାଣିଆ ଆଖି ଦି'ଟା ଠିକ୍ ନିଦୁଆ ନିଦୁଆ ଦିଶେ । ଖୁବ୍ ଛୋଟ୍ ଛୋଟ ଆଖି ମୋତେ ଭାବି ଭଲ ଲାଗେ । ତା' ସାଙ୍ଗକୁ କୁନି ଓଠଟିଏ ନାକ ତଳେ ଚିତ୍ର କଲାପରି ଦିଶେ । ଯେଉଁଟା କି ଖୁବ୍ ଅଳ୍ପ ସମୟ ପାଇଁ ଖୋଲି ପୁଣି ବନ୍ଦ ହୋଇଯାଏ । ଅବଶ୍ୟ ଏଗୁଡ଼ାକ ସବୁ ମୋର ନିଜସ୍ୱ ଦୃଷ୍ଟିଭଙ୍ଗୀ । ପ୍ରକୃତରେ କଣ ସମସ୍ତେ ତାକୁ ଏଇୟା ହିଁ ଭାବିବେ ? କେବେ ନୁହେଁ....

ଜଣେ ଯଦି ଜଣକୁ ଖୁବ୍ ଭଲ ଲାଗେ ଆଉ ସୁନ୍ଦର ଦିଶେ ସିଏ ଆଉ ଜଣକୁ ଖୁବ୍ ବିକୃତ ବି ଦେଖାଯାଇପାରେ । ତେଣୁ ପ୍ରକୃତରେ ଦେଖିବାଟା ଆଉ ସୌନ୍ଦର୍ଯ୍ୟର ଅନୁମାନ କରିବାଟା ବାହ୍ୟ ଚକ୍ଷୁଦ୍ୱାରା ନୁହେଁ, ବରଂ ଅନ୍ତର ଭିତରୁ ହିଁ ସମ୍ଭବ । ନୁହେଁ କି ...? ଆଚ୍ଛା ଆଜିକାଲି ତାହା ହେଲେ

କାହିଁକି, ବର୍ତ୍ତମାନର ତଥାକଥିତ ଲୋକେ ବିବାହ ସମୟରେ ବରପକ୍ଷ କନ୍ୟାର ରୂପକୁ ବେଶୀ ମହତ୍ତ୍ୱ ଦିଅନ୍ତି ଜାଣି ହୁଏନି । ଯଦି ଗୋଟିଏ ଝିଅର ଗୋଟିଏ କିମ୍ବା ଦୁଇଟି ଆଖି ମଧ୍ୟ ନଷ୍ଟ ହୋଇ ଯାଇଛି, ତେବେ ତାକୁ କଣ ହେୟ ମନେ କରାଯିବ ? ଧରାଯାଉ କୌଣସି ଅତିସୁନ୍ଦରୀ ଝିଅଟିଏ ବିବାହପରେ କୌଣସି କାରଣବଶତଃ ପୁରାପୁରି କୁରୂପ ଓ କଦାକାର ହୋଇଯାଏ, ତେବେ ତାର ସ୍ୱଭାବ, ଭଲ ପାଇବାର ଗଭୀରତା କଣ କମ ହୋଇଯିବ ? ସେ କଣ ଆଉ ଜଣେ ହୋଇଯିବ? କଣ ତାକୁ ଦିଆଯାଇଥିବା ସ୍ନେହ, ଶ୍ରଦ୍ଧାକୁ କମ୍ କରିଦେବା ଉଚିତ ହେବ ? ମୁଁ କହିବି ନା... ବରଂ ବଢ଼ାଇ ଦେବା ଉଚିତ ।

ତେଣୁ ଭଲ ପାଇବା ପାଇଁ ରୂପର ଆବଶ୍ୟକତାକୁ ମୁଁ ଖୁବ୍ କମ୍ ଉପଲବଧ କରେ । ମୁଖ୍ୟତଃ ଜଣେ ଅନ୍ୟ ଜଣଙ୍କ ପାଇଁ କେତେ ଗଭୀର ଭାବରେ ନିଜକୁ ଉତ୍ସର୍ଗ କରି ପାରୁଛି, ସେଇଟା ମୁଖ୍ୟ ବୋଲି ମୁଁ ଭାବେ ।

ମୁଁ ଥରେ ତା' ପାଖକୁ ଚିଠିରେ ଲେଖିଥିଲି, ଯେ ସେ ତା'ର ଓ ଅନ୍ୟ ପିଲାମାନଙ୍କ ଏକ ଗ୍ରୁପ୍ ଫୋଟୋ ମୋତେ ପଠେଇବ । ସେ କିନ୍ତୁ ପଠେଇନଥିଲା । ଏଇ ପରୀକ୍ଷା କିଛି ଦିନ ଭିତରେ ସେ ତା'ର ଅନେକ ଫୋଟୋ ମୋତେ ଦେଖେଇଥିଲା । ଫୋଟୋରେ କେହି କେବେ ଅସୁନ୍ଦର ଦେଖାଯାଆନ୍ତି ନାହିଁ, ଏବଂ ସୁନ୍ଦର ବି ଦେଖାଯାଆନ୍ତି ନାହିଁ । ଯାହା ନେଚୁରାଲ୍ ତାହା ସବୁବେଳେ ସୁନ୍ଦର୍ ବୋଲି ମୁଁ ଭାବେ । ସେ ଏତେ ଫୋଟୋ ଦେଖେଇଲେ ବି ମୁଁ କିଛି କହିଲି ନାହିଁ, ଅବଶ୍ୟ ଏଥିପାଇଁ ସେ ମନେ ମନେ ବହୁତ ରାଗିଥିବ । ଫୋଟୋ ଦେଖୁଥିଲି ଆଉ ମନେ ମନେ ଭାବୁଥିଲି ଏ ଫୋଟୋ ନେଇ ମୁଁ କରିବି କ'ଣ ? କିନ୍ତୁ କେଜାଣି କାହିଁକି ତା ଫୋଟୋ ସବୁ ଦେଖିବାପରେ ମୋତେ ସେ ସବୁ ନିଜ ପାଖରେ ରଖିବାପାଇଁ ବହୁତ ମନ ହେଲା ।

ମୋତେ ଭାରୀ ଅସହାୟ ଲାଗୁଥାଏ । ପରୀକ୍ଷା ସରି ଆସୁଥାଏ । ଶେଷ ଦିନ ସେ ପୁଣି ଫୋଟୋ ଦେଖାଇବା ବେଳେ ମୁଁ ସବୁତକ ଫୋଟୋ ନେଇ ଆସିଲି । ସେ ମନା କରୁଥିଲା, କହିଲା- କାହିଁକି ଏ ସବୁ ନେଉଛ ? କଣ କରିବ ? ଚିଠି ତ ଆଉ ଦେବା ସମ୍ଭବ ନାହିଁ ? ଖାଲି ମନ ଦୁଃଖ ହେବ ସିନା...

ତାର ଏ ସବୁ କଥା ଠିକ୍ ଗୋଟିଏ ପୋଖତ ସ୍ତ୍ରୀ ଲୋକର କଥା ପରି ଲାଗୁଥିଲା । ମୁଁ ତା କଥା

ଶୁଣି ବହୁତ ଖୁଶି ହୋଇଯାଉଥିଲି । କେତେ ବଢ଼ିଆ କଥା ସେ କହୁଛି । ଏମିତି କା ଗୁଣୀ ଝିଅଟେ ପାଇବା ଭାରି କଷ୍ଟ ।

ପରୀକ୍ଷା ପରେ ମୁଁ ମୋ କର୍ମକ୍ଷେତ୍ରକୁ ଫେରି ଆସିଲି । ଅଫିସ କାମରେ ବ୍ୟସ୍ତତା ଭିତରେ ପୁଣି ଦ୍ୱିତୀୟ ପାର୍ଟ ପରୀକ୍ଷା ପାଇଁ ମଧ୍ୟ ନିଜକୁ ତୟାର କରୁଥିଲି । ହେଲେ କୁନିର କଥାବାର୍ତ୍ତା, ଚାଲିଚଳନ, ମୁଖଭଙ୍ଗୀ ସବୁ ମୋତେ ବାରମ୍ବାର ଅତିଷ୍ଠ କରି ଦେଉଥିଲା ।

କ୍ରମଶଃ... (ପରବର୍ତ୍ତୀ ଭାଗ ଆଗାମୀ ସଂସ୍କରଣରେ)

## ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ସାଧାରଣ ଭକ୍ତର ହୃଦୟରୁ ଜାତ ଦୁଇଟି ଜଣାଣ...

ଆସିଥିଲି କାଳିଆ ତୋ ଦରଶନ ପାଇଁରେ
ତୋତେ କି ଦେଖିବି ମନ ଥୟ ଧରୁନାହିଁ ରେ...

ଶୁଣିଛି ତୋ ଦେଉଳରେ ରକ୍ଷା ନାହିଁ ଭକ୍ତର,
ପବିତ୍ର ଦେଉଳେ ବହେ ଧାର ଲାଲ ରକ୍ତର,
କାହିଁକି ଡାକିବ ତୋତେ,
ଭକ୍ତି କି କରିବ ତୋତେ...
ଥାଉ ଥାଉ ତୁ ସେ ଖାଲି ଖୋଜୁଥାଏ ଡାକ୍ତର...

ତୋ ସେବକ, ପୂଜାପଣ୍ଡା ଭକ୍ତ ଖାଲି ନୋଟ୍‌ର,
ଜାଣୁଛନ୍ତି ଝୁଣି ଖାଲି କରିବା ପକେଟ୍ ଆମର,
ସେ ନୋଟ୍ ପାଇଁ ବାୟା ଏ ଦୁନିଆ,
କି ନେତା କି ଭୋଟର...
ଆଖିମୁଦି ମାଗେ ଧନ ଭକ୍ତ ହୋଇ କାତର....

ସେମାନଙ୍କ ଦୟାରେ ତ ତୁ ବି ଚଳପ୍ରଚଳ,
ତୁଛାଟାରେ ନାଁ ସିନା ମହାମେରୁ ଅଚଳ...
ଭକ୍ତ ପାଇଁ ଶୁଣିଥିଲି ତୁ କାଳେ ବିକଳ,
ଲୁହେ ଭର୍ତ୍ତି ମୋ ଆଖି
ତୁ କି ପାରୁନୁ ଦେଖି
ସତରେ କି ମହାବାହୁ ତୁମେ କାଠ ପଥର...

କାଳିଆ ରେ କାଳିଆ,
(ଭଜନ ସମ୍ରାଟ ଭିକାରୀ ବଳଙ୍କ ପ୍ରସିଦ୍ଧ ଭଜନ କାଳିଆରେ କାଳିଆ, ଆର ଜନମରେ କରିବୁ ମୋତେ ତୋ ଜମି ହଳିଆ ସ୍ୱରରେ ରଚିତ)

ଯଦି ସତେ ପାଉଛୁ ଭଲ
ଦେବୁ ମୋତେ ମୋ ଭକ୍ତି ମୁଲ,
ପୂଜାପଣ୍ଡା କରି ଜନମିବୁ ମୋତେ
କରୁଥିବି ତୋତେ ଗଳାମାଳିଆ
କାଳିଆରେ କାଳିଆ

ତୋ ଦେଉଳେ ଖାଇବି ଅନ୍ନ
ବଢ଼ାଇବି ମୋର ଓଜନ
ଭକ୍ତ ଦେଖିକରି ମାଗିବି ପାଉଣା
ଉଣାକଲେ ଦେବି ମାଡ଼ ଧକିଆ....
କାଳିଆରେ କାଳିଆ...

ତୋ ପୂଜାରେ ବିତିବ ଦିନ
ମୋ ଘରେ ମୁଁ ଭରିବି ଧନ,
ମନ କରୁଥିବ ରଥପରେ ଥାଇ
ଟଙ୍କାପାଇ ଫିଙ୍ଗୁଥିବି ଟାହିଆ...
କାଳିଆରେ କାଳିଆ

ଯଦି କେହି ଆସେ ବିଦେଶୀ
ତୋତେ ଦେଖି ହୁଏ ସେ ଖୁସି
ଡଲାର୍ ମାଗିବି ପୂଜା ପାଇଁ ତୋର,
ନ ଦେଲେ ଦେବି ମୁଁ ବେତ ବାଡ଼ିଆ...
କାଳିଆରେ କାଳିଆ...

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ, ସମ୍ପାଦକ ‘ଆହ୍ୱାନ’

# ଭଗବାନ କିଏ ?



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଭଗବାନଙ୍କ ପରିଚୟ ଏବଂ ସଂଜ୍ଞା ଜାଣିବା ପାଇଁ ଯୁଗ ଯୁଗରୁ ମନୁଷ୍ୟମନରେ ଅନେକ ପ୍ରଶ୍ନ ଜାଗ୍ରତ ହୋଇଛି । ଏହି ପ୍ରଶ୍ନର ଉତ୍ତର ପାଇବା ପାଇଁ ଅନେକ ଚେଷ୍ଟା କରିଛନ୍ତି ମଧ୍ୟ । କିନ୍ତୁ ପ୍ରକୃତରେ ଭଗବାନ କଣ, ଏହା କେବଳ ଏକ ନାମ ନା ଏହି ନାମ ପଛରେ ଲୁଚି ରହିଥିବା ପ୍ରଚଣ୍ଡ ଶକ୍ତିର ନାମ । ଭଗବାନଙ୍କୁ କଣ କେହି କେବେ ସତରେ ଦେଖିଛି ? ନା, ଅନୁଭବ କରିଛି ମାତ୍ର ?

ସମ୍ଭବତଃ ଯେବେଠାରୁ ମନୁଷ୍ୟର ମନରେ ଭୟ ଜାଗ୍ରତ ହୋଇଛି, ସେବେଠାରୁ ସେ ଏହି ଭଗବାନ ନାମକ ସତ୍ତାକୁ ନିଜର ଉଧାରକର୍ତ୍ତା ଭାବରେ ମାନି ନେଇଛି । ଜନ୍ମ ହେବାପରେ ନିଜ ପିତାମାତାଙ୍କ ଠାରୁ ଏହି ଜ୍ଞାନ କ୍ରମଶଃ ନୂତନ ପିଢ଼ୀକୁ ଯାଇଛି । ସ୍ଥଳ ବିଶେଷରେ ପୃଥିବୀ ଉପରେ ଅନେକ ମହାପୁରୁଷ ଜନ୍ମ ନେଇ ନିଜକୁ ଭଗବାନଙ୍କ ସନ୍ତାନ ବୋଲି ପ୍ରମାଣିତ କରିଛନ୍ତି । ଚିତ୍ରକରର ସ୍ୱରୂପରେ କେବେ କେବେ ଭଗବାନ ବିଷ୍ଣୁ ରୂପରେ ତ କେବେ ବ୍ରହ୍ମାଙ୍କ ରୂପରେ ଏବଂ କେବେ କେବେ ଶିବଙ୍କ ରୂପ ନେଇଛି । ଏମାନେ ସବୁ ସ୍ଥୁଳତଃ ଗୋଟିଏ ଗୋଟିଏ ଚରିତ୍ର । ଏମାନଙ୍କ ଆବିର୍ଭାବ ଓ ଅନ୍ତର୍ଧାନ ହେବାର କୌଣସି ଲିଖିତ ପ୍ରମାଣ ନାହିଁ, ତେଣୁ ସେମାନଙ୍କୁ ହିଁ ଭଗବାନ ବୋଲି ଅନେକ ଧରି ନିଅନ୍ତି । ହିନ୍ଦୁ ଧର୍ମରେ ତେତିଶି କୋଟି ଦେବୀଦେବତା ଅଛନ୍ତି । ତା ମାନେ କଣ ଏମାନେ ସମସ୍ତେ ଗୋଟିଏ ଗୋଟିଏ ଭଗବାନ ? ନା, ଏମାନେ ସେହି ପରମ ଶକ୍ତିମାନ ଭଗବାନଙ୍କ ଅଂଶ ମାତ୍ର । ଅତୀତର ଲେଖକ ଓ କବିମାନଙ୍କ ମାନସଜାତ ଏହି ସବୁ ଚରିତ୍ର ମାତ୍ର । ଭଗବାନ ଏ ସବୁରୁ ଉର୍ଦ୍ଧ୍ୱରେ । ସେ କେବଳ ଗୋଟିଏ ସ୍ୱରୂପ ନେଇ ଆସନ୍ତି, ଯାହା ନା କେହି ଦେଖିଛି ନା କେହି

ଜାଣିପାରୁଛି । ସମସ୍ତେ ଅନୁଭବ କରୁଛନ୍ତି । ଅବଶ୍ୟ ଭଗବତ୍ ଅବିଶ୍ଵାସୀମାନେ କହିପାରନ୍ତି ଯେ ଦୁନିଆରେ ଘଟୁଥିବା ସମସ୍ତ ଘଟଣା ପଛରେ ବିଜ୍ଞାନର ପ୍ରଚ୍ଛନ୍ନ ହାତ ରହିଛି । ସତ କଥା । ମୁଁ ବି ସେଇୟା ହିଁ ଭାବେ, କିନ୍ତୁ ପୁଣି ମୁଁ ଭାବେ ଅକସ୍ମାତ୍ ଘଟୁଥିବା କିଛି ଘଟଣାକୁ ଆମେ ଦୈବୀଦୁର୍ବିପାକ ବୋଲି ମଧ୍ୟ କହିଥାଉ, ତା ହେଲେ ଏଠାରେ ଆମେ ଭଗବାନଙ୍କ ଅସ୍ତିତ୍ଵକୁ ସ୍ଵୀକାର କରୁ ହିଁ କରୁ ।


ବେଳେ ବେଳେ ହଠାତ୍ କୌଣସି ଖୁସି ଖବର ମିଳିଗଲେ, ଆମେ ଆନନ୍ଦରେ ହେ ଭଗବାନ ଧନ୍ୟବାଦ ବୋଲି କହୁ, ଦୁଃଖ ସମୟରେ ହେ ପ୍ରଭୂ, କାହିଁକି ? ବୋଲି ପ୍ରଶ୍ନ ବି କରୁ । ଭଗବାନଙ୍କୁ ଆମେ ଆମ ସ୍ନାୟୁ ଏବଂ ଆତ୍ମାରୁ ଦୂର କରିପାରିବା ନାହିଁ । କିନ୍ତୁ ଆମେ ଭଗବାନଙ୍କୁ ଦେଖିପାରିବା ବି ନାହିଁ, କେବଳ ଅନୁଭବ କରିପାରିବା । ପୃଥିବୀରେ ଏମିତି ଅନେକ ପଦାର୍ଥ ଅଛି ଯାହା କେବଳ ଅନୁଭବ କରିହୁଏ, କିନ୍ତୁ ଦେଖି ହୁଏନି କି ଛୁଇଁହୁଏନି । ବୋଧ ହୁଏ ଭଗବାନ ମଧ୍ୟ ସେଇ ପ୍ରକାରର ଏକ ଅନୁଭବ ମାତ୍ର ହୋଇଥାଇ ପାରେ ।

ଆସନ୍ତା ମାସରେ ଦଶହରା ଉପଲକ୍ଷେ ଆହ୍ଵାନ ଇ-ପତ୍ରିକାର ଏକ ବୃହତ କଳେବର ପ୍ରକାଶିତ ହେବ, ଏବଂ ଏଥିନିମନ୍ତେ ଲେଖା ଆହ୍ଵାନ କରାଯାଉଛି । ସମ୍ପୂର୍ଣ୍ଣ ଓଡ଼ିଆରେ ଲିଖିତ ଆପଣଙ୍କ ଗଳ୍ପ, କବିତା, ପ୍ରବନ୍ଧ, ଶିଶୁ ସାହିତ୍ୟ, ବ୍ୟଙ୍ଗ, ଭ୍ରମଣ କାହାଣୀ, କ୍ଷୁଦ୍ର ଗଳ୍ପ, ନାଟକ, ଇତ୍ୟାଦି ଆପଣ ଆମ ନିକଟକୁ ଶୀଘ୍ର ପଠାନ୍ତୁ । ଇମେଲ୍ ଦ୍ଵାରା ମାଇକ୍ରୋସଫ୍ଟ ଓ୍ଵାର୍ଡ଼ରେ ଓଡ଼ିଆ ଲିପି (ୟୁନିକୋଡ଼)ରେ ଟାଇପ ହୋଇଥିବା ଦରକାର । ଯଦି ଆପଣ ଟାଇପ କରି ପାରୁନାହାନ୍ତି ତେବେ ନିଜସ୍ଵ ହସ୍ତଲିଖିତ ଲେଖାକୁ ସ୍କାନ୍ କରି ଇମେଲ ଦ୍ଵାରା ଆମ ନିକଟକୁ ପଠାନ୍ତୁ । ଆପଣଙ୍କ ସହଯୋଗ ଆହ୍ଵାନର ଉନ୍ନତି ପାଇଁ କାମ୍ୟ ।

E-Mail: aahwaan@gmail.com (call at : 90409 85463 for details)

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ, ସମ୍ପାଦକ 'ଆହ୍ଵାନ'

# ତୁମେ ଗଲାପରେ...




ଶୁଚିସ୍ମିତା ଗୁରୁ

ତୁମେ ଗଲାପରେ
ଏବେ ସବୁ ର ଶେଷ
କିନ୍ତୁ
ମୁଁ ପାଇଛି ସ୍ୱୟଂକୁ
ମୋ କୋହଭରା ବେଦନାରେ
ଆଜି ନାହିଁ ପ୍ରଶ୍ନବାଚୀ
ମୋ ପାଇଁ ପ୍ରତ୍ୟୁତ୍ତର ତୁମେ
ଯୌବନର ସମସ୍ତ ଭୂଲ
ଛଳ ଯେ କରିଥିଲି ନିଜ ସାଥେ
ଆଜି ତାର ପ୍ରାୟଶ୍ଚିତ କରୁଚି ମୁଁ
ତୁମେ ଗଲାପରେ

ଯୁଗପୁରୁଷ ତୁମେ
ସ୍ରଷ୍ଟା ଗର୍ବିତା ଆଜି ତାଙ୍କ ସୃଷ୍ଟିରେ
ଝଡ଼ା ଫୁଲ ମୁଁ
ସୃଷ୍ଟିନିୟନ୍ତାଙ୍କ ପାଦ ପଦ୍ମରେ
ଶୋଭା ପାଇବାକୁ
ଆଉ ଯୋଗ୍ୟତା ନାହିଁ ମୋର
ହସୁଥିବ ନା
ମୋ ନିସହାୟତାରେ

ସତ କହୁଛି, ସ୍ୱୟଂକୁ ପାଇଛି
ହେ ଯୁଗପୁରୁଷ
ତୁମେ ଗଲାପରେ ... ତୁମ ସତ ପ୍ରେମରେ
ତଥାପି କଳୁଷିତ ଲୋଭୀ ମନ ମୋର
ଆଶା କରେ ତୁମକୁ
କ୍ଷମାର ସାଗର ହୋଇ, ତୁମେ କ୍ଷମା ଦିଅ ଯଦି
ତୁମ ପାଦ ଧୂଳିରେ
ସମର୍ପଣ କରିଦେବି ନିଜକୁ
ଯଦିଓ ଯୋଗ୍ୟତା ନାହିଁ ମୋର
ହେ ଯୁଗପୁରୁଷ
କ୍ଷମା କର କ୍ଷମା କର କ୍ଷମା କର
ଶବ୍ଦରେ ବି ଆଉ ଶକ୍ତି ନାହିଁ ମୋର
ତୁମେ ଗଲାପରେ
ତୁମେ ଗଲାପରେ

# ଜେଜେଙ୍କ ପ୍ରେମ



ଜୟନ୍ତ ଦାସ

ଜେଜେ ମୋତେ ଡାକିଦେଲେ ଥରେ
ଏ ନାତିଆ...
ଶୁଣିବୁ ଯଦି ଆ ନାତିଆ ଶୁଣିବୁ ଯଦି ଆ..
କହିବି ଆଜି ଅନୁଭବର ଘଟଣା ଅଛି ଯାହା
ଭାବିଲି ମୁଁ...
ଚତୁର୍ବେଦ ବା ଅଷ୍ଟାଦଶ ପୁରାଣରୁ
କହିବେ ସେ ଶିଖିଥିବେ ଯାହା
ସଧୀରେ ମୁଁ ଚାଲିଗଲି, ଶ୍ରବଣର ଦୁର୍ବାର ଆଶା
କହିଲେ ସେ-
ଆଜି ସିଏ କହିବେନି ପୁରାଣ କି ଭାଗବତ
କହିବେ ସେ ପ୍ରେମ ପରିଭାଷା
ଲାଜରେ ମୁଁ ମରିଗଲି
କେଡ଼େ ଅଲାଜୁକ ବୁଢ଼ା କି ହୋ
ମାତ୍ରାଧିକ ବୟସରେ ବଡ଼ ସାନ ଗଲେ କି ସେ ଭୁଲି !!!
ବଜାଇଲେ - ଆଦ୍ୟ ପ୍ରେମ ବୀଣା
କଅଁଳିଆ ଯୌବନରେ ପ୍ରେମ ହୁଏ ପାହାଡ଼ି ଝରଣା
ଜଙ୍ଗଲି ଉଦ୍ଦାମତାରେ ଅସଂଜତ ମନ, ହୁଏ ଆନମନା
ମାନେ ନା ସେ ବନ୍ଧବାଡ଼
ଭାଙ୍ଗିରୁଜି ସମ୍ପର୍କ ପାହାଡ଼

ବାପା, ମା, ଭାଇ ବନ୍ଧୁ ଶୁଭାକାଂକ୍ଷୀ ପ୍ରିୟ ପରିଜନ
ସବୁ ଲାଗେ ତୁଚ୍ଛ ଆଉ ଶୂନ୍ୟ ମହା ଶୂନ୍ୟ
ପ୍ରେମିକା ହିଁ ପ୍ରେମିକର ସ୍ପନ୍ଦନ, ଜୀବନ

ମଧ୍ୟପ୍ରେମ ବଜାଇଲେ ବିହାଗ ରାଗରେ
ବୟସଟା ବହିଯାଏ, ପାହାଡ଼ି ଝରଣାଟା ନଦୀ ହୁଏ
ଦୁଇକୂଳ ଟାଣେ ସୀମାରେଖା
ପ୍ରେମ ସେଠି ଶୃଙ୍ଖଳାର ଶୃଙ୍ଖଳରେ ବାନ୍ଧିଯାଏ
ବାହାରର କ୍ଷୀପ୍ର ସ୍ରୋତ ନ ଦିଅଇ ଦେଖା
ଉଦ୍ଧତ ଉଦଗ୍ର ନୁହେଁ ସ୍ରୋତ ତାର
ସଂସାରରେ ଭଉଁରୀ କାଟଇ
ହୁଏ ବହୁରୂପୀ ସିଏ ସମ୍ପର୍କକୁ ନିରେଖି ଦେଖଇ

ଅନ୍ତଃ ପ୍ରେମ ରାଗଥିଲା ତାଙ୍କ ଆଶାବରୀ
ସଙ୍ଗମରେ ବାଜୁଥିଲା ମଙ୍ଗଳ ମହୁରୀ
ଅଭିଷିକ୍ତ ହେଉଥିଲା ବୟସଟା ଅନ୍ତିମ ପାହାଚେ
ନଥିଲା ପ୍ରାରମ୍ଭର ଉଦ୍ଦାମତା ନା ମଧ୍ୟ ଶୃଙ୍ଖଳତା
ହରାଉଥିଲା ଅସ୍ତିତ୍ୱ ଥିଲା ଖାଲି ନୀରବତା
ପ୍ରେମ ଏଠି ସାମ୍ୟବାଦୀ ସଙ୍ଗମରେ ସଂଯୋଗର ପ୍ରାପ୍ତି
ଆହା ସତରେ ପ୍ରେମ ଏଠି ବିଶ୍ୱାତ୍ମା ପାଇଯାଏ ତୃପ୍ତି ଆଉ ମୁକ୍ତି....

# ଅସମ୍ପୂର୍ଣ୍ଣା



ବନାନୀ ଶତପଥୀ

ତୁମ ପ୍ରତିକ୍ଷାରେ
ରହୁଥିଲି ମୁଁ
କାଟୁଥିଲି ଅନିଦ୍ରାରେ
ପ୍ରତିଟି ପ୍ରହର
ଏକା ଏକା ରାତ୍ରୀର ନିର୍ଜନତାରେ ।
ମନେ ହେଉଥିଲା
ପଡ଼ିଯିବ ପୂର୍ଣ୍ଣଚ୍ଛେଦ ଦୀର୍ଘ ଏ
ପ୍ରତୀକ୍ଷାରେ ମୋର,
ବୁକୁ ଫଟେଇ ହସିବି ମୁଁ
ତୁମେ ନିଶ୍ଚୟ ଆସିଗଲାପରେ ।
ଅକସ୍ମାତ୍ ବାଧ୍ୟ ହେଲି
ବୁଝିବାକୁ ମୁଁ
ଅପହଞ୍ଚ ତୁମେ
ତଥାପି ଚଢୁଥିଲି ପାହାଚ ପାହାଚ
ଆଶାର ନିଶୁଣିରେ
ଲକ୍ଷ୍ୟଥିଲା କହିବାକୁ ଦୁନିଆକୁ
ନା ନା ତୁମେ ନୁହଁ ଅପହଞ୍ଚ
ଅନ୍ତତଃ ମୋ ପାଇଁ ।

ମଉଳି ଯାଇଛି ଏବେ

ରାତ୍ରୀର ରଜନୀଗନ୍ଧା ସବୁ

ସ୍ୱପ୍ନ ସବୁ ମୋର ବୃନ୍ତଚ୍ୟୁତ

ଗଙ୍ଗଶିଉଳୀର ଫୁଲପରି

ଅସମାହିତ ପ୍ରଶ୍ନର ପୁଟୁଳି କାନ୍ଧେଇ

ଘୁରିବୁଲୁଛି ମୁଁ

ଟାଣିବାକୁ ଯବନିକା

ଅସମ୍ପୂର୍ଣ୍ଣ ଏ ମୋର ନାଟ୍ୟରୂପରେ ।

# ତୁମେ ଫୁଲଟିଏ...



ଅବିନାଶ କୁମାର ସାହୁ

ତୁମେ ଫୁଲଟିଏ ହୋଇ ଫୁଟନ୍ତ କି

ମଉଳିବା ପୂର୍ବରୁ

ମୋ ମନର କୋମଳତାରେ

ତୁମକୁ ସାଇତି ଦିଅନ୍ତି ।

ତୁମେ ଶିଶିର ବିନ୍ଦୁଟିଏ ହୁଅନ୍ତ କି

ମୁଁ ପତ୍ର ସାଜି

ମୋ ବୁକୁରେ

ସବୁଦିନ ଜାବୁଡ଼ି ଧରନ୍ତି ।

ତୁମେ ରୂପାର ଜହ୍ନଟିଏ ହୁଅନ୍ତ କି

ମୁଁ ପୂର୍ଣ୍ଣମୀ ରାତି ହୋଇ

ତୁମ ଜ୍ୟୋସ୍ନାରେ ଭିଜୁଥାନ୍ତି ।

# ଯେବେ ଦେଖାହେବ...



ସବ୍ୟସାଚୀ ରଥ

କିଏ ଜାଣେ କେତେବେଳେ କେଉଁଠାରେ କେବେ
ତୁମ ସାଥେ ମୋର ହଠାତ ଦେଖା ହୋଇଯିବ,
ଜୀବନର ଅଙ୍କାବଙ୍କା ରାସ୍ତାରେ ଅଥବା
ମଶାଣୀରେ ଯେବେ ମୋର ପଡ଼ିଥିବ ଶବ ।
ହୋଇପାରେ ତୁମେ ମୋତେ ଚିହ୍ନିବନି ଆଉ
ଅଚିହ୍ନା ଅଜଣା ବୋଲି ଚାହିଁ ଚାଲିଯିବ
କିମ୍ବା ମୋତେ ଚିହ୍ନିଦେଇ ବିସ୍ମୁର ନୟନେ
ଶବକୁ ମୋ ତୁମ ଆଖି ଲୁହେ ଭିଜାଇବ ।
ଆଖି ପାଉଥିବା ଯାଏ ଦୂର ଦିଗବଳୟ
ଆକାଶ ଓ ପୃଥିବୀକୁ ନିଦ ଲାଗୁଥିବ,
ମୋତେ ଆଉ ଜାଳିଦେବା ଲୋଡ଼ା ହେବନାହିଁ
କାହିଁକି ନା ମୋ ଦେହ ତ ଆପେ ଜଳୁଥିବ ।

# ତୁମେ...



ସନ୍ତୋଷ କୁମାର ସାହୁ

ତୁମେ ଶିଶୁଟିଏ ହୋଇ
କାନ୍ଦି କନ୍ଦାଇ, ହସି ହସାଇ ପାର ।
ଅନୁସୂୟା, ଯଶୋଦା, କୌଶଲ୍ୟା
ସଚି, ମେରୀ ମାତାଦି ଗରଭୁ ଜନମି ପାର ।
ତୁମେ ଶିଶୁ ସୁଲଭ ଗୁଣରେ
ସୁଦାମା ହନୁମାନ ମଧୁମଙ୍ଗଳ ଆଦିଙ୍କ
ସହିତେ ନାନା ଲୀଳା ରଚାଇ
ସାଙ୍ଗ ସାଥୀ ମେଳେ ଖେଳିପାର ।
ଗୋପ ଗୋପାବଳୀ ମେଳେ
ତୁମେ ଯୁବକଟେ ହୋଇ ପ୍ରେମିକ ସାଜି
ଯମୁନା କୂଳେ, ମଧୁପୁର ମଧୁବନେ
ରାହାସ ରଚାଇ ପାର ।
ତୁମେ ସ୍ୱାମୀଟିଏ ହୋଇ ପତ୍ନୀବିରହରେ
କାନ୍ଦି କାନ୍ଦି ବନେ ବାଟାଳ ପରି ବୁଲି
ଏ ଜୀବ ମଣ୍ଡଳେ ଭ୍ରମ ରଚାଇ ପାର ।

ପତ୍ନୀ ବିଚ୍ଛେଦରେ ମର୍ମାହତ ହୋଇ

କାନ୍ଧେ ଶବ ଧରି ଚଉଦିଗ ବୁଲି ପାର ।

ତୁମେ ସଖାଟିଏ ହୋଇ ସୁଦାମା ଭଳି

ଦୀନ ଦରିଦ୍ରର ଦୁଃଖକୁ ନାଶିପାର ।

ତୁମେ ପଞ୍ଚୁପାଣ୍ଡବଙ୍କ ସକଳ ବିପଦୁ

ଉଦ୍ଧାରିବାପାଇଁ ଦୂତଟିଏ ହୋଇ ତିରସ୍କାର

ସହି ସଚ୍ଚା ବନ୍ଧୁଟିଏ ହୋଇପାର ।

# ପୂର୍ବରାଗ



ଶଙ୍କର୍ଷଣ ପରିଡ଼ା

ସୁନ୍ଦରଠାରୁ ସୁନ୍ଦର ତୁମେ
ରୂପରେ ଗୁଣରେ
ନିଖୁଣା ନିପୁଣା ନାରୀ
ଆକାଶଠୁ ଉଚ୍ଚ, ମାଟି ଠୁ ଉଦାର
ସାଗରଠୁ ବଳି ଗହନ ଗଭୀର
କିଏ ହେବ ସମସରି ।

ଚାଲିରେ ତୁମର ପଦ୍ମଫୁଟେ
କଥାରେ କଥାରେ, ଓଠରୁ ତୁମର
ଝରିପଡ଼େ ମଲ୍ଲୀ ଫୁଲ
ଆଖିରେ ତମର ସୂର୍ଯ୍ୟ ଚନ୍ଦ୍ର
ଛାତିରେ ତୁମର କୋଟି କୋଟି ତାରା
ସ୍ନିଗ୍ଧ ଶୀତଳ
ନିହତକ ନିଆଁଝୁଲ ।

ଝାଉଁବଣ ଆଉ ସମୁଦ୍ର କିନାରେ
ତୁମକୁ ଦେଖିଲେ ମନେ ପଡ଼େ ତମେ
ମୃତ ଅତୀତର କୋଟି ସୁଷମାର ଶୀରି
ଭଗ୍ନ ମନ୍ଦିର ରୁଦ୍ଧ ଦୁଆରେ

ଏବେ ବି ଶୁଭୁଛି
ମନ୍ଦ୍ର ମଧୁର ଲଳିତ ଦେହାଗ
ଏବେ ବି ଦିଶୁଛି, ମଗ୍ନ ବିଭୋର
ପ୍ରେମୀ ତ ଜୀବନ
ପ୍ରଣୟ ବିଧୂରା ନାରୀ ।

ରିମ୍ ଝିମ୍ ତାଲେ
ମେଘ ଆସି ଦିନେ
କହିଲା ମାଟିର କାନେ
ତୁମରି ବିହୁନେ ଆକାଶ କେମିତି
ବିରହ ବିଧୂର ବଜ୍ରବଂଶୀ ସନେ
ପବନ ଗାଇଲା ପ୍ରଣୟ ଗୀତି
ଆଲୋକ କହିଲା ମହାଜୀବନର ଗାଥା
ଦୂରେ ଦୂରେ ମୋହନ ବଂଶୀ
ପରାଣେ ଜଗାଏ ବ୍ୟଥା । ।

# ବନାନୀ



ବିନୟ ମୋହନ ଦାସ

ସବୁଜେ ସୌନ୍ଦର୍ଯ୍ୟମୟୀ
ପ୍ରକୃତି ପ୍ରଦତ୍ତା
ସୁବିସ୍ତାର ସବୁଜିମା
ସଦା ଉଦ୍ଭାସିତା
ବନାନୀ! ବନାନୀ!! ବନାନୀ!!!

ତୋ'ସବୁଜ ପଣତରେ
ବୃଦ୍ଧି କରୁ ଶୋଭା
ବକ୍ଷରେ ତୋ ବାସ ଦେଲୁ
ଅଗଣିତ ବିଭା
ବନାନୀ! ବନାନୀ!! ବନାନୀ!!!

ବନ ଭୂମି ବିସ୍ତାରିଛୁ
ନେଇ ଛୋଟ ବଡ଼
ନିରଙ୍କୁଶ ଚିନ୍ତାଧାରା
ସତେ କେତେ ବଡ଼
ବନାନୀ! ବନାନୀ!! ବନାନୀ!!!

ପ୍ରକୃତିର ସମକକ୍ଷା
ହେବାକୁ ଚାହିଁଛୁ
ନିଜସ୍ୱକୁ ବଳିଦେଇ
ଆଗେଇ ଚାଲିଛୁ

ବନାନୀ! ବନାନୀ!! ବନାନୀ!!!


ମାତୃତ୍ୱର ପରାକାଷ୍ଠା
ଦେଖାଇଛୁ ତୁହି
ତୋ କାନି ପଣତ ତଳେ
ଦୁଃଖୀ ନୁହେଁ କେହି
ବନାନୀ! ବନାନୀ!! ବନାନୀ!!!

ପ୍ରଣମି ତୁ ପ୍ରକୃତିକୁ
ଦେଇଥିଲୁ କଥା
'ମୋ କୋଳେ ବଢ଼ିବେ ସବୁ'
ନ କରିବୁ ଚିନ୍ତା
ବନାନୀ! ବନାନୀ!! ବନାନୀ!!!

ବନାନୀ ବଢ଼ିବ ନେଇ
ନିଜସ୍ୱ ସମ୍ଭାର
କ୍ଷୟକ୍ଷତି ହେବ ନାହିଁ
ଶପଥ ତୋହର
ବନାନୀ! ବନାନୀ!! ବନାନୀ!!!

ବନାନୀର ମୂଲ୍ୟବୋଧ
ପ୍ରକୃତିକୁ ଜଣା
ବାସ୍ତବରେ କରିଥାଏ
ରକ୍ଷଣା ବେକ୍ଷଣା
ବନାନୀ! ବନାନୀ!! ବନାନୀ!!!

# ମା'ମୋର...



ନିବେଦିତା ମିଶ୍ରଗୁରୁ

ମାଟି ମା ମୋର
କିଏ କହେ ତନୁ ତୋର
ସିକ୍ତ ଆଜି ଧାରାଶ୍ରାବଣୀରେ ?
ପ୍ଲାବିତ ସେ ଯେ ଆଜି
ଅବାରିତ ଅଶ୍ରୁ ପଟେ ତୋର...
ବିଦୀର୍ଣ୍ଣ ହୃଦୟ ତୋର
ଅଶେଷ ଦୁଃଖରେ
କୋମଳ ଶିଶୁ କନ୍ୟା ଯେ
ଏଠି ବଳି ଚଢ଼େ
ତୋ ନିଷ୍ଠୁର ସନ୍ତାନର
ଲାଳସା ଅଗ୍ନିରେ!!!

ମା ମୋର
ସମଗ୍ର ଶରୀର ରେ ତୋର
ଆତଙ୍କର ନିଆଁ
ଜଳୁଛି ମାନବିକତା ଏଠି
ଜଳୁଛି ସମାଜ
ମେଘାଚ୍ଛନ୍ନ
ସମସ୍ତ ଆକାଶ
ତୋ ରୁଦ୍ଧ କୋହରେ

ଭାଇ ହାତେ ଖଡ୍‌ଗ ଆଜି
ଭାଇ ବିରୋଧରେ
କେବେ ଭାଷା, ଜାତିର ନାମରେ
କେବେ ପୁଣି ଧର୍ମ ଆଉ
କ୍ଷମତାର ଆଢୁଆଳେ...!!!

ପବନେ ଗୁଞ୍ଜିତ ଆଜି
ଜନ୍ତ୍ରଣା ଜର୍ଜରିତ
ଦୀର୍ଘ ଶ୍ୱାସ ତୋର
ଚିର ଗୌରବମୟ ତ୍ରିରଙ୍ଗାରେ
ରୁଧିର ର ଛିଟା

ମା ମୋର
ପାରିବୁକି ହସି ଥରେ ?
ଆସୁଛି ଏଇ ଯେ ପୁଣି
ତୋ ସ୍ୱପ୍ନର ଅଗଷ୍ଟ ପନ୍ଦର...

# ଭୁଲ ରାସ୍ତା...



ପତିତପାବନ ଲେଙ୍କା

କାହିଁକି ଆସିଥିଲ
ସେଇ ରାତିରେ, ଚୁପ୍ ଚାପ୍
ମୋ ଶୋଇବାରେ ବ୍ୟାଘାତ ଦେବା କୁ
ତୁମକୁ କଣ ଏତେ ଭଲ ଲାଗୁଥିଲା ଯେ
ମୋ ସାଥିରେ ପ୍ରଣୟର ଅଭିନୟ କରି
ମୋ ଅସହାୟତାର ସୁଯୋଗ ନେଇ
ମୋ ଦେହକୁ ଉପଭୋଗ କରିବାକୁ !!!
କାହିଁକି ଅଭିଳାଷ କଲ
ବାନ୍ଧି ରଖିବାକୁ ତୁମ ପ୍ରେମର ଜାଲରେ
କି ବା ପାଇଲ ମୋର ସତୀତ୍ୱକୁ ଲୁଣ୍ଠନ କରି
ଯେଉଁଥି ପାଇଁ କି ମୁଁ ସମାଜର ବଡ଼ ବଡ଼ିଆଙ୍କ ପାଖରେ
ଘୃଣିତା, ଅବହେଳିତା, ନିର୍ଯ୍ୟାତିତା ହୋଇ
ବଞ୍ଚି ରହିବାକୁ ଚେଷ୍ଟା କରି ବି
ଆଜି ବଞ୍ଚି ପାରୁନି
ଆଉ ଏ ସବୁ ପାଇଁ ତୁମେ ଦାୟୀ
ନା... ମୋ ଭଲ ପାଇବା ଦାୟୀ
ନା... ଜୀବନ ର ରାସ୍ତାରେ
ଚାଲିବାଟା ମୋର ଭୁଲ
ରହିଗଲା
କେଉଁଠି, କାହିଁକି, କଣ ପାଇଁ....!!!

# ଗୁରୁ ହିଁ ସାକ୍ଷାତ ଈଶ୍ୱର...



ମୌସୁମୀ ଦାସ

ମୌସୁମୀ ଦାସ

ତୁମରି ଚରଣତଳେ ଆଜି ମୁଁ ପ୍ରଣତି ଢାଳେ
ଘେନିବ ହେ ଗୁରୁ ମୋର
ଗୁରୁ ତୁମେ ବ୍ରହ୍ମା, ଗୁରୁ ତୁମେ ବିଷ୍ଣୁ, ଗୁରୁଦେବ ମହେଶ୍ୱର
ପଥେ ଯଦି କେବେ ଥକି ମୁଁ ପଡ଼ିବି
ଆଶା ଦେଇ ନେବ ବଢ଼ାଇ
ଭୁଲ ବାଟେ ଯଦି କେବେ ମୁଁ ଚାଲିବି
ହାତ ଧରି ଦେବ କଢ଼ାଇ,
ଜ୍ଞାନର ଆଲୋକେ ଲିଭେଇ ଦେବ ମୋ
ଅଜ୍ଞାନର ଅନ୍ଧକାର.....
ଗୁରୁଦେବ ମହେଶ୍ୱର...
ଗୁରୁ ତୁମେ ବ୍ରହ୍ମା, ଗୁରୁ ତୁମେ ବିଷ୍ଣୁ, ଗୁରୁଦେବ ମହେଶ୍ୱର

ଗୁରୁ ଭିତରେ ଯେ ମଣିଷ ଦେଖିଛି
ଦେବତାଙ୍କୁ ଚିର ଦିନ
ସେଇ ଗୁରୁ ତୁମ ଆଶିଷ ଲଭିଲେ
ସାର୍ଥକ ଏଇ ଜୀବନ
ତୁମରି ଆଶିଷେ ହୋଇବ ଜଗତେ
ପରିଚିତ ନାମ ମୋର....
ଗୁରୁ ତୁମେ ବ୍ରହ୍ମା, ଗୁରୁ ତୁମେ ବିଷ୍ଣୁ, ଗୁରୁଦେବ ମହେଶ୍ୱର

# ଅଭିଭାବକ ମାନଙ୍କ ପାଇଁ ଖୁସି ଖବର




ନୂତନ ଭାବରେ ହୋଇଥିବା ବା ହେବାକୁ ଯାଉଥିବା ପିତାମାତାଙ୍କର ଅପେକ୍ଷାର ବର୍ତ୍ତମାନ ଅନ୍ତ ହୋଇଯାଇଛି । ଶିଶୁ ଓ ମହିଳାମାନଙ୍କ ବିଭିନ୍ନ ସ୍ୱାସ୍ଥ୍ୟଜନିତ ସମସ୍ୟାର ସମାଧାନ ଓ ଉପଦେଶ ପାଇଁ ଉଦ୍ଦିଷ୍ଟ ଓଡ଼ିଶାର ଏକମାତ୍ର ବ୍ୟାପକ ୱେବସାଇଟର ଅବତାରଣା କରାଯାଇଛି । ଡବ୍ଲ୍ୟୁ ଡବ୍ଲ୍ୟୁ ଡବ୍ଲ୍ୟୁ . ପିଙ୍କ୍‌ଷ୍ଟେପସ୍.କମ୍ (www.pinksteps.com) ନାମକ ଏହି ୱେବସାଇଟରେ ଆପଣଙ୍କ ସମସ୍ତ ସମସ୍ୟାର ସମାଧାନ ସହଜରେ ମିଳିପାରିବ । 'ମିଶା ଚାରିଟେବୁଲ୍ ଟ୍ରଷ୍ଟ'ର ଆନୁକୂଲ୍ୟରେ ସର୍ବସାଧାରଣଙ୍କ ହେତୁ ଏହି ୱେବସାଇଟର ନିର୍ମାଣ କରାଯାଇଛି ।

ଭୁବନେଶ୍ୱରର ଜନୈକ ଶ୍ରୀ ଶକ୍ତିପ୍ରସାଦ ପାଳଙ୍କ ନିରବଚ୍ଛିନ୍ନ ପ୍ରଚେଷ୍ଟାର ଫଳ ହେଉଛି ଏହି ୱେବସାଇଟ । ଓଡ଼ିଶାରେ ଶିଶୁମାନଙ୍କ ସ୍ୱାସ୍ଥ୍ୟଜନିତ ସମସ୍ୟାର ନିଦାନ ହେତୁ କୌଣସି ଅନଲାଇନ ସାଧନର ଅଭାବ ଦେଖିବାପରେ, ଏବଂ ନିଜ ଝିଅର ଜନ୍ମସମୟରେ ବିଭିନ୍ନ ପ୍ରକାରର ସମସ୍ୟା ଓ ଉପଦେଶ ଆଦି ପାଇବା ପାଇଁ ସେ ଅନୁଭବ କରିଥିବା ଅସୁବିଧା ସବୁକୁ ଦୃଷ୍ଟିରେ ରଖି ଏହି ୱେବସାଇଟ୍ ନିର୍ମାଣ କରିଛନ୍ତି । ଓଡ଼ିଶାରେ ଥିବା ସମସ୍ତ ଶିଶୁ ଚିକିତ୍ସାଳୟ ସମ୍ବନ୍ଧୀୟ ସୂଚନା ସମେତ, ଡାକ୍ତର, ଡାକ୍ତରଖାନା, ରୋଗନିଦାନ କେନ୍ଦ୍ର, ରକ୍ତମଳମୂତ୍ର ପରୀକ୍ଷାଗାର, ଔଷଧ ଦୋକାନ,

ବିଦ୍ୟାଳୟ, ରକ୍ତଭଣ୍ଡାର ଓ ଅନାଥାଶ୍ରମ ଆଦି ବିଷୟରେ ବିଷଦ ସୂଚନା ଏହି ୱେବସାଇଟରେ ପାଇ ପାରିବେ ।

ଏହି ୱେବସାଇଟରେ ଭାବି ପିତାମାତା ଶିଶୁଙ୍କ ଯତ୍ନ ସମ୍ବନ୍ଧରେ ଜ୍ଞାନ ପାଇ ପାରିବେ ଏବଂ ସଦ୍ୟ ଜନ୍ମିତ ଶିଶୁର ପିତାମାତା ମାନେ ସେମାନଙ୍କ ସ୍ୱାସ୍ଥ୍ୟ, ଘରେ ବିଭିନ୍ନ ରୋଗର ଉପଚାର, ଗର୍ଭ ସମ୍ବନ୍ଧୀୟ ବିଷୟ, ରୋଗ ପ୍ରତିଷେଧକ ଟୀକାର ବିବରଣୀ, ପଥି ଓ ପୁଷ୍ଟିକର ଖାଦ୍ୟ, ବିଭିନ୍ନ ପ୍ରକାରର ରକ୍ତ, ମଳମୂତ୍ର ପରୀକ୍ଷା, ଶିଶୁ ଅଧିକାର, ବନ୍ଧ୍ୟାଜନିତ ସମସ୍ୟା ଆଦି ଅନେକ ବିଷୟରେ ଅନେକ ସୂଚନା ପାଇପାରିବେ ।

ଏହା ସବୁ ବ୍ୟତୀତ ଏହି ସାଇଟରେ ଅନେକ ପ୍ରବନ୍ଧ, ଆଲୋଚନା ଓ ଚର୍ଚ୍ଚା ଆଦି ଦ୍ୱାରା ବିଭିନ୍ନ ପ୍ରକାରର ରୋଗ ଓ ତା'ର ଉପଶମ ସମ୍ବନ୍ଧରେ ଜାଣିହେବ ।

ଏହି ୱେବସାଇଟର ଏକ ଅନନ୍ୟ ବିଶେଷତ୍ୱ ହେଉଛି ଆପଣ ଚାହିଁଲେ ଏହି ସାଇଟ ଦ୍ୱାରା ଆପଣ ବିଭିନ୍ନ ବିଶେଷଜ୍ଞଙ୍କ ସହିତ ନିଃଶୁଳ୍କ ଅନଲାଇନ୍ ପରାମର୍ଶ କରିପାରିବେ । ପିତାମାତା ମାନଙ୍କୁ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ପାଇଁ ପ୍ରଖ୍ୟାତ ଡାକ୍ତର ଓ ଡାକ୍ତରଖାନା ମାନଙ୍କ ସହିତ ଏହି ୱେବସାଇଟ ନିବନ୍ଧିତ ହୋଇଛି । ଏହି ସବୁ ସେବା ନିଃଶୁଳ୍କ ଯୋଗାଇ ଦେବାର ସମ୍ପୂର୍ଣ୍ଣ ବ୍ୟବସ୍ଥା ରହିଛି ।

ସମ୍ପ୍ରତି ଏହି ୱେବସାଇଟ୍ ଓଡ଼ିଶା ତଥା ଓଡ଼ିଶା ବାହାରେ ଏହ ସମ୍ପୂର୍ଣ୍ଣ ୱେବସାଇଟ ଭାବରେ ଖ୍ୟାତି ଅର୍ଜନ କରିଛି । ଶ୍ରୀ ଶକ୍ତି ପ୍ରସାଦ ପାଳଙ୍କ ଏହି ସାଧୁ ଉଦ୍ୟମ ପାଇଁ ଆହ୍ୱାନ ଓଡ଼ିଆ ପରିବାର ତରଫରୁ ତାଙ୍କୁ ଅଭିନନ୍ଦନ ଜଣାଉଛୁ, ଏବଂ ତାଙ୍କର ଦୀର୍ଘ ଓ ନିରୋଗ ଜୀବନର କାମନା କରୁଛୁ । ଏବଂ ଆଶା କରୁଛୁ ତାଙ୍କର ମାନସପୁତ୍ର ଏହି ୱେବସାଇଟ୍ ଓଡ଼ିଶାବାସୀଙ୍କୁ ଦୀର୍ଘଦିନର ଆଶା ପୂରଣ କରିବାରେ ସକ୍ଷମ ହେବ ଏବଂ ସମାଜକୁ ବ୍ୟାପକ ସାହାଯ୍ୟ ପ୍ରଦାନ କରିବ ।

# ଭାଙ୍ଗିଦିଅ ମେରୁଦଣ୍ଡ


ଡ: ଗୌରୀ ପ୍ରସାଦ ମହାପାତ୍ର

ଡ଼ ମେଜର ଗୌରୀ ପ୍ରସାଦ ମହାପାତ୍ର

ଦସ୍ୟୁ ରତ୍ନାକର ବାଲ୍ମୀକି ସାଜିଲା
ମରା ମରା - ଡାକି
ରାମ ନାମ ଜପି ଦିନେ
ସୀତାଙ୍କୁ ଆଶ୍ରମେ ଦୁହିତା ପରାଏ
ପାଳିଥିଲା ଏହି ଧାମେ
ଦୁହିତା ବୟସ ନାରୀଙ୍କୁ ଆଣନ୍ତି
ଭଣ୍ଡ କଥା ସବୁ କହି
କଳ ବଳ ଅବା କଉଶଳ କରି
ଆଶ୍ରମରେ ଆଶ୍ରା ଦେଇ
ସୁବିଧା ସୁଯୋଗ ପାଇଗଲେ ଥରେ
ବଳାତ୍କାର ହୁଏ ନାରୀ
ଧର୍ମ ଭ୍ରଷ୍ଟ କରି ଉତ୍ପାତ ହୁଅନ୍ତି
ଅମୃତ ପାତ୍ରରେ ହଳାହଳ ବିଷ ଧରି
ସେପରି ବାବାଜୀ ଦାଢ଼ୀକୁ ଝିକରେ
ଦିଅ ତାଙ୍କୁ ମୃତ୍ୟୁଦଣ୍ଡ
ପୁଲିସର ଲାଠି ମାଡ଼ରେ ତାଙ୍କର
ଭାଙ୍ଗିଯାଉ ମେରୁଦଣ୍ଡ............

# ମୁହଁଚୁଆଁ



ତାରାପ୍ରସାଦ ଜେନା

ନୂଆବୋହୁ ଘରକୁ ଆସିଲେ ବନ୍ଧୁବାନ୍ଧବ ଜ୍ଞାତି କୁଟୁମ୍ବ ଯିଏ ଯୁଆଡ଼େ ଆସନ୍ତି, ନୂଆବୋହୁକୁ ଦେଖନ୍ତି । ଜାଣତ ଅଜାଣତରେ ରୂପଚର୍ଚ୍ଚା ସହିତ ଗୁଣର ବଖାଣ ମଧ୍ୟ ହୁଏ । ଆଉ ପାନଖିଆ ଖର୍ଚ୍ଚ, ହାତକାଚ ପାଇଁ ଖର୍ଚ୍ଚ ଆଦି ନୂଆବୋହୁ ହାତକୁ ବଢ଼େଇ ଦିଅନ୍ତି । ଏଇଟା କୁଆଡ଼େ ବୋହୁର ସମ୍ପୂର୍ଣ୍ଣ ନିଜସ୍ୱ ହାତପାଣ୍ଠି । ଅଭାବ ଅସୁବିଧା ପଡ଼ିଲେ ବୋହୁ ତା ପାନଖିଆ ହାତ ଖର୍ଚ୍ଚରୁ ଘରକୁ ଦେଇ ସୁନାବୋହୁର ମୋହର ଓ ଉପାଧିଟିଏ ପାଏ ।

ଦିନ ବଳେଇ ଗଲାଣି । ସୁନାବୋହୁର ରୂପ ଝଟକିବା ମଳିନ ପଡ଼ିଲାଣି । କିନ୍ତୁ ଗୁଣରେ ଦାଉ ଦାଉ ହୋଇ ଜଳୁଛି । ସ୍ୱାମୀ ସକାଳୁ ସକାଳୁ ଉଠି ନିଜ ସ୍ତ୍ରୀର ମୁହଁକୁ ଚାହିଁ ବୁହେ ଗର ଗର ହେଲେଣି । ଆଜି ଦିନଟା ଯାକ ଅଛି । ତୁମ ମୁହଁ ସକାଳୁ ଦେଖିଲିଣି; ଯଦି କଣ କିଛି ହେବ, ସତ କହୁଚି ଆଜି ରାତିକୁ ଝାଡ଼ିଦେବି ।... ଏବେ ସ୍ତ୍ରୀଙ୍କର ପାଳି । ସେ ବି ଛାଡ଼ିବା ଜନ୍ତୁ ନୁହନ୍ତି । ଚିହିଁକି ଉଠିଲେ – ମୁଁ ବି ତୁମ ମୁହଁ ଆଗ ଦେଖିଛି, ଯାହା ଭଲମନ୍ଦ ହେଲେ, ତୁମକୁ ଛାଡ଼ିବିନି କହି ଦେଉଛି ।

ବୋଉ ପଳେଇ ଆସିଲେ। ପାଟିକଲେ ଜବର। କହିଲେ, ଏଗୁରାଙ୍କର ସତେ ଯେମିତି କିଛି କାମଧନ୍ଦା ନାହିଁ; ଏମାନଙ୍କୁ ମୁହଁ ଚୁଆଁ ପଡ଼ିଯାଉଛି। ଅଥଚ ସେଇ ବୋଉ, ପୁଅର ପିଲାଦିନେ କାଳେ ମୁହଁଚୁଆଁ ପଡ଼ିଯିବ ବୋଲି ତା ହତରେ ବଜର ଡେଉଁରିଆଟିଏ ବାନ୍ଧିଥିଲେ। କାଳେ କୋଉ ପାପ ଆଖି ପୁଅ ଉପରେ ପଡ଼ି ରକ୍ତ ଶୁଖେଇ ଦେବ।

ପୁଅ ବୋହୁ ବୋଉର ଆକଟରେ ଆଉ ରହି ପାରିଲେନି। ମୁହଁଚୁଆଁକୁ ନିଜ ନିଜ ଉପରକୁ ଫୋପାଡ଼ି ଯିଏ ଯାହାର ବାଟ ଧରିଲେ।

# ଆସ ବୁଲିଯିବା ଆମ ରାଇଜ



ଜଗନ୍ନାଥ ରାୟ

## କବାଟ ନ ଥିବା ଗାଁ – "ଶିଆଳିଆ"

ପ୍ରାୟ ଅଢେଇ ବର୍ଷ ବିତିଗଲାଣି । ସୁଦୂର ମାଦ୍ରାଜରୁ ନିଜର ଶିକ୍ଷାଗତ କାର୍ଯ୍ୟକାଳ ସମାପ୍ତ ପରେ ମୁଁ ବାହୁଡ଼ି ଆସିଥାଏ ନିଜ ମାଟି ବୈକୁଣ୍ଠ ମାଟି ମା ଓଡ଼ିଶାକୁ । ମାଘ ମାସ, ଅସହ୍ୟ ଶୀତର ଲହରୀ ଖେଳିଥାଏ ଆମ ଓଡ଼ିଶାରେ । ଆଉ ଏହି ସମୟରେ ମୁଁ ଭ୍ରମଣ କରିଥିଲି ଆମ ଓଡ଼ିଶାର କେନ୍ଦ୍ରାପଡା ଜିଲ୍ଲାର ଛୋଟ ବଡ଼ ବହୁତ ଗାଁ ପଲ୍ଲୀ ସବୁ । ଆଉ ପହଞ୍ଚି ଯାଇଥିଲି ଏମିତି ଏକ ଗାଁରେ, ଯେଉଁ ଗାଁରେ ପ୍ରତ୍ୟେକଙ୍କ ଘରେ ଘରେ ନା ଥିଲା କବାଟ ନା ଥିଲା ଦୁଆର ବନ୍ଧ । ଆଶ୍ଚର୍ଯ୍ୟ ଚକିତ ହୋଇ ରହି ଯାଇଥିଲି ପ୍ରଥମେ ମୁଁ ଏଇ ଗ୍ରାମକୁ ଦେଖି । ଶୁଣିଥିଲି ଆମ ଭାରତ ଦେଶର ପଶ୍ଚିମରେ ଅବସ୍ଥିତ ମହାରାଷ୍ଟ୍ର ରାଜ୍ୟରେ ଶନି ଶିଙ୍ଗଣାପୁର ବୋଲି ଏକ ସ୍ଥାନ ଯେଉଁଠି ଘର ଅଛି କିନ୍ତୁ ଘରର କବାଟ ନାହିଁ, ଗଛ ଅଛି କିନ୍ତୁ ଗଛର ଛାଇ ନାହିଁ । କିନ୍ତୁ ଏମିତି ଏକ ସ୍ଥାନ ଆମ ଓଡ଼ିଶାରେ ଅବସ୍ଥିତ ଯାହା ମୁଁ ଆଗରୁ କୌଣସି ପର୍ଯ୍ୟଟନ ତାଲିକା , ବିବରଣୀ କିମ୍ବା ଇଣ୍ଟରନେଟ୍ ମାଧ୍ୟମରେ ଗୁଗଲ୍ କି ଓ୍ୱିକିପେଡ଼ିଆରେ ମଧ୍ୟ ଦେଖିବାକୁ ପାଇନାଁହି । ଏହି ସ୍ଥାନ ଭ୍ରମଣ ପରେ ମୁଁ ବହୁତ ବ୍ୟକ୍ତି ମାନଙ୍କ ସଙ୍ଗେ ଏହା ବିଷୟରେ ଆଲୋଚନା କରିଥିଲି, କିନ୍ତୁ ସଭିଙ୍କ ପାଇଁ ଏହା ଏକ ବିସ୍ମୟବାଚକ ସୃଷ୍ଟି କରିଥିଲା, ଏକ ନୂଆ ନିଆରା ସ୍ଥାନ ଥିଲା ସଭିଙ୍କ ପାଇଁ । ତେବେ ଆଜି ସମୟ ମିଳିଛି, ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ (ପ୍ରିୟ ଜ୍ୟୋତି ସାର୍)ଙ୍କ ସମ୍ପାଦନାରେ ଆମ ଓଡ଼ିଶାର ସର୍ବ ପ୍ରଥମ ସମ୍ପୁର୍ଣ୍ଣ ସାହିତ୍ୟ ଇ-ପତ୍ରିକା ଆହ୍ୱାନ ମୋତେ ଏଇ ସୁଯୋଗ ଦେଇଛନ୍ତି, ଯେ ଆମ ଓଡ଼ିଶାର ଏପରି ଏକ ପର୍ଯ୍ୟଟନ ଦର୍ଶନୀୟସ୍ଥଳ ଯେଉଁଠିକାର ପରମ୍ପରା ସରଳ ଜୀବନଯାପନ କେତେ ଯେ ନିଆରା ଆଉ ସ୍ୱାଭିମାନୀ ତାହା ମୁଁ ଏହି ଇ-ପତ୍ରିକା ମାଧ୍ୟମରେ ଉଲ୍ଲେଖ

କରୁଅଛି । ତେବେ ବନ୍ଧୁଗଣ ଚାଲନ୍ତୁ ମୋର ଏହି ଭ୍ରମଣ କାହାଣୀ ସହିତ ବୁଲିଯିବା ଆମ ରାଇଜର ଏକ ନିଆରା ଦର୍ଶନୀୟ ସ୍ଥଳୀ "କବାଟ ନଥିବା ଗାଁ – ଶିଆଳିଆ " ।

ଜୟ ଶ୍ରୀ ରାମ …ଜୟ ଶ୍ରୀ ରାମ …!!! ବାଦ୍ୟରେ ବାଜି ଉଠିଲା ଆମ ଘରର ଡାକ ଘଣ୍ଟି । ଏତେ ସକାଳୁ ସକାଳୁ କିଏ ଯେ ! ଶୀତ ଯେଉଁ ଭଳି ହେଉଥାଏ ଶେଯ ଛାଡ଼ି ଉଠିବାକୁ ମନ ବି ହେଉ ନଥାଏ । ଘରେ କେହି ନଥାନ୍ତି ମୁଁ ଏକା, ସମସ୍ତେ ମାମୁଁଙ୍କ ଘରକୁ ଯାଇଥାନ୍ତି ଏକ ଯଜ୍ଞ ଉତ୍ସବରେ ଯୋଗ ଦେବାପାଇଁ । ଉଠିକି ଦାଣ୍ଡ ଦୁଆର ଗ୍ରୀଲ୍ କବାଟ ଖୋଲିଲି । ଦେଖେ ତ ବଡ଼ ମଝିଆ ମାମୁଁଙ୍କ ପୁଅ ଆଉ ତାଙ୍କ ସାଙ୍ଗେ ମୋ ବୋଉ । କିଛି କାମରେ ଘରକୁ ଆସିଥିଲେ । ଗଲାବେଳେ ବାଧ୍ୟ କଲେ, ଚେନ୍ନାଇରୁ ଆସିକି ଏକା ଏକା ଘରେ କଣ କରିବୁ ଚାଲ୍ ଯିବା ମାମୁଁ ଘରକୁ, ସେଠି ତୋତେ ଦେଖି ସମସ୍ତେ ଖୁସି ହେବେ । ଇଚ୍ଛା ହେଉ ନଥିଲା, ନା ଯିବିନି ନା ଯିବିନି ବୋଲି ବାରମ୍ବାର ମନା କରିଲା ପରେ ହଠାତ୍ କଣ ହେଲା କେଜାଣି, ମନ ହେଲା ପୁଣି ଯିବା ପାଇଁ ହଁ କହି ପ୍ରସ୍ତୁତ ହୋଇଗଲି । ଦୁଇ ଚକିଆ ଗାଡ଼ି ବେଗ ଟିକେ ଅଧିକା କରିଦେଇ ପ୍ରାୟ ଦୁଇଘଣ୍ଟା ଭିତରେ ପହଞ୍ଚିଗଲି ମାମୁଁଙ୍କ ଘର ଯଜ୍ଞ ଉତ୍ସବରେ । ସେଇଠି ପରିଚୟ ହୁଏ ଯଜ୍ଞ କରୁଥିବା ପୂଜକ ବାବାଙ୍କ ସହିତ । ସେ ମୋ ସହିତ ମାତ୍ର କିଛି ସମୟ ଭିତରେ ଜଣେ ଅନ୍ତରଙ୍ଗ ବନ୍ଧୁ ଭଳି ମିଶିଗଲେ । ଆଉ ମୋ ମନ ଭିତରୁ ମନର କଥା ଜାଣିନେଲେ । ମୁଁ ବୁଲିବାକୁ ବହୁତ ଭଲପାଏ, ନୂଆ ନୂଆ ପର୍ଯ୍ୟଟନ, ଧାର୍ମିକ ସ୍ଥାନ ସବୁ ବିଷୟରେ ଜାଣିବାକୁ ଦେଖିବାକୁ ମୋର ବହୁତ ଇଚ୍ଛା, ବିଶେଷ କରି ଛୋଟ ଛୋଟ ଗାଁର ଜୀବନ ଶୈଳୀ । ପୂଜକ ବାବାଙ୍କ ଯଜ୍ଞ କାର୍ଯ୍ୟ ପ୍ରାୟ ସବୁ ଗାଁ ଗାଁ ଭିତରେ ଅନୁଷ୍ଠିତ ହେବାର ଥାଏ । ତେଣୁ ସେ ମୋ ଇଚ୍ଛାକୁ ସମ୍ମାନ ଜଣେଇ ମୋତେ ତାଙ୍କ ସଙ୍ଗେ ବୁଲେଇ ନେବା ପାଇଁ ଇଚ୍ଛା ପ୍ରକାଶ କଲେ । ମୁଁ ମଧ୍ୟ ବହୁତ ଖୁସି ଥାଏ । ଠିକ୍ ଗୋଟିଏ ଦିନ ପରେ ଆମେ ଯାତ୍ରା ଆରମ୍ଭ କରିଦେଲୁ ଭଦ୍ରକ ଜିଲ୍ଲାର ଚାନ୍ଦବାଲି ନିକଟସ୍ଥ ଏକ ଛୋଟିଆ ଗାଁ ଅଭିମୁଖେ । ଯାହାକି ପାରଦୀପରୁ କେନ୍ଦ୍ରାପଡ଼ା ରାସ୍ତାଦେଇ ଭଦ୍ରକ ଜିଲ୍ଲାକୁ ପ୍ରବେଶବାଟ । ପ୍ରାୟ ୫୯ ମାଇଲ୍‌ର ରାସ୍ତା ମାନେ ୯୫ କିଲୋମିଟର ପାଖାପାଖି ହେବ । ସାଥିରେ ଥା'ନ୍ତି ପୂଜକବାବା ଆଉ ସାଥି ଦୁଇ ସହକର୍ମୀ ଏବଂ କାର୍ ଚାଳକ । ମନ ହର୍ଷଉଲ୍ଲାସରେ ଭରପୁର ଥାଏ । ରାତି ସମୟରେ ପୂଜା କାର୍ଯ୍ୟ ଥିବାରୁ ଆମେ ଯାତ୍ରା ଆରମ୍ଭ କରିଦେଲୁ ସନ୍ଧ୍ୟା ସମୟରୁ । ଅସହ୍ୟ ଶୀତକୁ ଖାତିରି ନ କରି ଆଗେଇ ଚାଲିଲା ଆମ କାର୍ ଗାଡି ।

ତେବେ ପାଠକେ ଆପଣ ଯଦି କେବେ ପାରଦୀପରୁ ଭଦ୍ରକ ଯାତ୍ରା କରନ୍ତି ତେବେ ରାସ୍ତା ପ୍ରତି

ନିହାତି ଧ୍ୟାନ ଦେବେ । କାରଣ ପାରଦୀପରୁ ପ୍ରଥମେ କେନ୍ଦ୍ରପଡ଼ା ଆଳି ଅଞ୍ଚଳ ପହଞ୍ଚିଲା ପରେ ଆପଣଙ୍କୁ ସେଠୁ ଦୁଇଟି/ତିନିଟି ବାଙ୍କ ରାସ୍ତା ଦୃଶ୍ୟ ହେବ, ଡାହାଣ ପଟରୁ ଚାନ୍ଦବାଲି ରାସ୍ତା ହୋଇ ଭଦ୍ରକ ଜିଲ୍ଲାକୁ (ଆଳିରୁ ୬୯ କି.ମି.), ଏବଂ ବାମପଟେ ସିଂଗିପୁର ପରେ ବିଂଝାପୁର ରାସ୍ତା ହୋଇ ଯାଜପୁର ଜିଲ୍ଲାକୁ (ଆଳିରୁ ୪୮ କି.ମି.), ଏବଂ ଆଉ ଏକ ରାସ୍ତା ଯାହା ସାଲେପୁର ରାସ୍ତା ହୋଇ ଆପଣ କଟକରେ (ଆଳିରୁ ୯୪ କି.ମି.) ପହଞ୍ଚି ପାରିବେ । କିନ୍ତୁ ଯଦି କେବେ ଆପଣଙ୍କୁ ପାରଦୀପରୁ କଟକ ଯାତ୍ରା କରିବାର ହୁଏ ତେବେ ଆପଣ ଏହି ରାସ୍ତାରେ ନ ଯାଇ, ସିଧାସଳଖ କଟକକୁ ବସ୍ କିମ୍ବା କାର୍‌ରେ ଯାଇ ପାରିବେ, ଯାହାକି ପାରଦୀପରୁ ଜଗତସିଂହପୁର ମୁଖ୍ୟ ରାସ୍ତା ହୋଇ ଆପଣ କଟକରେ ପହଞ୍ଚି ଯିବେ (୮୨ କି.ମି.)। ଏଥି ସହିତ କଟକରୁ ପାରଦୀପ ପାଇଁ ରେଳ ଗାଡ଼ିର ସୁବିଧା ମଧ୍ୟ ଅଛି, ବାଟରେ ଆପଣ ଚାଁହିଲେ ଶାରଳା ରୋଡ଼ ଷ୍ଟେସନରେ ଓହ୍ଲେଇ ଆପଣ ଝଙ୍କଡ଼ବାସିନୀ ମା ଶାରଳାଙ୍କ ମନ୍ଦିରକୁ ଯାଇ ଦର୍ଶନ କରି ପାରିବେ, ଷ୍ଟେସନରୁ ମନ୍ଦିର ପାଖକୁ ଅଟୋ, ରିକ୍ସାର ସୁବିଧା ସର୍ବଦା ଉପଲବ୍ଧ ।

ତେବେ ସେହି ଦିନ ଆମେ ଭଦ୍ରକ ଜିଲ୍ଲା ଚାନ୍ଦବାଲି ଅଂଚଳ ର ସେହି ଛୋଟିଆ ଗାଁ ଟିରେ ପହଞ୍ଚୁ ପହଞ୍ଚୁ ପ୍ରାୟ ରାତି ୧୦ଟା ହୋଇ ଯାଇଥିଲା । ପରେ ସେହି ଗାଁରେ କଟି ଥିଲା ପୁରା ରାତି । ମୋତେ କିନ୍ତୁ ଠିକ୍ ସେ ନିଦ ହେଉ ନ ଥିଲା, ଯେମିତି କିଛି ଅଲଗା ଅଲଗା ଲାଗୁଥିଲା । ପ୍ରଭାତ ହେଲା, ଗାଁରେ କାଉ ଏବଂ କୁକୁଡା ମାନଙ୍କ ରାବରେ ମୋ ନିଦ ଏକା ଥରକେ ଭାଙ୍ଗିଗଲା । ଉଠିକି ନିଜର ନିତ୍ୟକର୍ମ ସାରିବାରେ ଲାଗି ପଡ଼ିଲି । ଗାଁ ମଝିରେ ଗୋଟିଏ ନଳକୂପ ସେଇଠି ସମସ୍ତେ ଭିଡ଼ ଲଗେଇ ଥାନ୍ତି । ମୁଁ ଟିକେ ଧୋଇ ହେବି ବୋଲି ପ୍ରାୟ ଅଧ ଘଣ୍ଟା ଠିଆ ହୋଇ ରହିଲି, ତଥାପି ଶେଷରେ ନିରାଶ ହୋଇ ଗାଁ ଅନ୍ୟ ଏକ ପାର୍ଶ୍ୱକୁ ଗଲି । ଦୂରରୁ ଦେଖିଲି ସଭିଏଁ ଗୋଟେ ନାଳରେ ଗାଧୋଇ, ଶୌଚହୋଇ ଫେରୁଛନ୍ତି । ପରେ ପୂଜା ହେଉଥିବା ବ୍ୟକ୍ତିଙ୍କ ଘରକୁ ଫେରିଲି, ସେ ମୋର ଏପରି ନୈରାଶ ଭାବନା ଦେଖି, ମୋର ସକାଳ ନିତ୍ୟକର୍ମ ପାଇଁ ସବୁ ଆୟୋଜନ କରିଦେଲେ । ତା'ପରେ ମୁଁ ଖୁସ୍ । କିନ୍ତୁ ପରେ ମନରେ ରହିଗଲା ଗାଁ ଲୋକମାନଙ୍କ ଏହି ଶୋଚନୀୟ ଅବସ୍ଥା । କେତେ ସୁନ୍ଦର ଗାଁ, ମନ ଖୋଲା ପରିବେଶ, ଗାଁ ରାସ୍ତା ଘାଟ ଖୁବ୍ ସୁନ୍ଦର, ଗାଁଟିର ପ୍ରାୟ ସମସ୍ତେ ବ୍ୟବସାୟୀ ଲୋକ, କିନ୍ତୁ ପାଣି ପାଇଁ ସେଇ ଗୋଟିଏ ନଳକୂପ ଉପରେ ସମସ୍ତେ ନିର୍ଭରଶୀଳ ! କିଛି ଲୋକଙ୍କ ଘରେ ପାଇଖାନା ନାଁହି ! ପଚାରିଲେ ସରକାରଙ୍କୁ ଦୋଷ । ପରେ ସକାଳର କିଛି ସମୟ ଏହି ବିଷୟ ଉପରେ ଆଲୋଚନା

କରିଚାଲିଲି ଗାଁର କିଛି ବ୍ୟକ୍ତି ବିଶେଷଙ୍କ ସହିତ । କୌଣସି ପ୍ରଶାସନ କି ସରକାରଙ୍କ ଉପରେ ଏସବୁକୁ ଦୋଷ ଦେଲେ ହେବନି, ଏସବୁ ଆମ ମୌଳିକ ଅଧିକାର, ନିତିଦିନର କାର୍ଯ୍ୟ । ଘରକୁ ବୋହୁଟିଏ ଆସିଲେ କଣ' ପ୍ରଶାସନକୁ ଅପେକ୍ଷା କରି ରହିବା, ଯେ ସେ ଆମ ଘରେ ପାଇଖାନା ଗାଧୁଆ ଘର କରିବେ ? ନିଜର କେବେ କିଛି ପେଟ ଖରାପ ହେଲେ, ହଠାତ୍ କଣ କରିବ ? ସବୁ ସମୟ ତ ଠିକ୍ ନୁହେଁ ନା, କି ଦୁଇ କି.ମି ଚାଲିଚାଲି ପଡ଼ିଆକୁ ଯାଓ, ଗାଧୋଇବା ପାଇଁ ସେ ମଇଳା ନାଳ ପାଣିକୁ ଯାଓ । ଯାହା ଦ୍ୱାରା ପ୍ରାୟ ସମୟ ଦେହ ଖରାପ ହେବ, ଅସୁସ୍ଥ ରହିବ । ତା ପୂର୍ବରୁ କାହିଁକି ଆମେ ନିଜକୁ ସୁସ୍ଥ ନ ରଖିବା । ଏଥି ପାଇଁ ନିଜ ଦୈନନ୍ଦିନ ଜୀବନକୁ ସୁସ୍ଥ ରଖିବା ପାଇଁ ନିଜ ଆଖ-ପାଖ ପରିବେଶକୁ ସୁନ୍ଦର କର । ଆମ ଚାରି ପାଖରେ ଏ ପରିବେଶ ସୁନ୍ଦର ରହିଲେ ଆମେ ସୁନ୍ଦର ରହିବା ଆଉ ଆମେ ସୁନ୍ଦର ରହିଲେ ଏ ଜଗତ ସୁନ୍ଦର ଲାଗିବ । ତେଣୁ ଘରେ ଘରେ ଗାଧୁଆ ଘର / ପାଇଖାନା ନିଶ୍ଚୟ କରନ୍ତୁ ଆଉ ନିଜକୁ ସୁସ୍ଥ ରଖନ୍ତୁ । ପୁଣି ମଧୁବାବୁଙ୍କ "ତୁମପରି ଛୋଟ ପିଲାଟିଏ" କଥା ମନେ ପକେଇ ଦେଇଥିଲି । କଣ ଭୁଲିଗଲ ସମସ୍ତେ ! ସେଦିନର ସେ ଛୋଟ ପିଲାଟି କିପରି ସମସ୍ତଙ୍କ ସଙ୍ଗେ ମିଳିମିଶି ଗାଁ ଦାଣ୍ଡ ସଫା କରିଥିଲା, ବାଲି ଗୋଡ଼ିମାଟି ନେଇ କିପରି ଗାଁ ଦାଣ୍ଡକୁ ସମତୁଲ କରିଥିଲା । ସେଦିନ କଣ ସେ ଛୋଟିଆ ପିଲାଟି ପ୍ରଶାସନକୁ ଅପେକ୍ଷା କରିଥିଲା! ପରେ ସମସ୍ତେ ପ୍ରତିଶ୍ରୁତି ଦେଇଥିଲେ, ଆଉ ନିଜ ଅଞ୍ଚଳକୁ ସଭିଏଁ ମିଶି ଏକ ଉନ୍ନତି ପଥରେ ଆଗେଇ ନେବା ପାଇଁ କଥା ଦେଇଥିଲେ । ସ୍ମିତ ହାସ୍ୟ ଦେଇ ପରେ ମୁଁ ସେଠୁ ଫେରିଥିଲି । କିଛି ସମୟ ପରେ ସମସ୍ତ କାର୍ଯ୍ୟ ସାରି, ସକାଳର ଜଳଖିଆ ଖାଇ ଆମେ ବାହୁଡ଼ିଲୁ କେନ୍ଦ୍ରପଡ଼ା ଅଭିମୁଖେ ।

ଆଖିକୁ ନିଦ ଛୁଇଁ ଛୁଇଁ ଆସୁଥାଏ । କାର୍‌ରେ ବାଜୁଥାଏ ଭଜନ ସମ୍ରାଟ ଭିକାରୀ ବଳଙ୍କ ଏକ ପୁରୁଣା ଶ୍ରୀ ଜଗନ୍ନାଥ ଭଜନ ।‘"କୋଠ ଭୋଗ ଖିଆ ହେ ଚକା ଆଖିଆ ଉଠ ହେ ପହଡ ଭାଙ୍ଗି’ ଏଇ ଧୀର ସ୍ୱରର ଭଜନ ସହିତ ମୋ ଭିତରକୁ ପ୍ରବେଶ କରୁଥାନ୍ତି ମା ନିଦ୍ରାଦେବୀ । ରାତିରେ ଯୋଉ ଠିକ ଭାବେ ଶୁଆ ହୋଇନଥିଲା ! ହାଃ... ହାଃ... ତଥାପି କିଛି ନୂଆ ନୂଆ ଜିନିଷ ଦେଖିଲେ, ମୋର ଆଖି ପୂରା ଖୋଲି ଯାଉଥିଲା ଆଉ ମୁଁ ଦେଖିବା ପାଇଁ କାର୍ କାଚରୁ ମୁହଁ କରି ଅନେଇ ରହି ଯାଉଥିଲି । ବାଟରେ ଯେଉଁ ସୁନ୍ଦର ସୁନ୍ଦର ସ୍ଥାନ ସବୁ ଆସୁଥାଏ , ପୂଜକ ବାବା ସେ ସବୁକୁ ଦେଖେଇ ଦେଉଥାନ୍ତି ଏବଂ ସେହି ସ୍ଥାନ ବିଷୟରେ ଆଲୋଚନା ମଧ୍ୟ କରୁଥାନ୍ତି । ଏଇ ଆଲୋଚନା ଭିତରେ ହଠାତ୍ ପୂଜକ ବାବା କହିଲେ, ଆଜି କବାଟ ନ ଥିବା ଗାଁ କୁ ଟିକେ ବୁଲିଯିବା ଆଉ ମା ଖରାଖାଇଙ୍କୁ

ଦର୍ଶନ କରିବା । ଜଗବନ୍ଧୁ ବି (ମୋତେ ଶ୍ରଦ୍ଧା ରେ ପୂଜକ ବାବା ଡାକନ୍ତି ) ଗୋଟେ ନୂଆ ନିଆର ଜାଗା ଦେଖିବ । ନା କଣ କହୁଛ ଜଗବନ୍ଧୁ । ଏତିକି କଥା ମୋ କାନରେ ଶୁଣୁଶୁଣୁ ମୋ ଅଖିକୁ ଆସୁଥିବା ନିଦ କୁଆଡେ ହଜି ଗଲା । ପଚାରିଲି :- ବାବା କଣ ସତରେ ଗାଁରେ କାହା ଘରେ କବାଟ ନାଁହି ! ତେବେ ସେଠାରେ ତ ଚୋରି ପ୍ରବଳ ହେଉଥିବ ।

ପୂଜକ ବାବା (ସ୍ମିତ ହସି ):- ଆରେ ମୁଁ କଣ କେବେ ମିଛ କୁହେ । ଆଉ ଚୋରି କଥା କହୁଛୁ , ଚୋରି ତ ଚୋରି ଆଜି ଯାଏଁ ଏହି ଗାଁ କୁ ପୋଲିସ୍ ମଧ୍ୟ ଆସି ନାଁହି ।

ମୁଁ ଏତିକି ଶୁଣି ପୁରା ପୁରି ଆଶ୍ଚର୍ଯ୍ୟ ହୋଇ ଚାଁହି ରହି ଥାଏ । ପୂଜକ ବାବା କାର୍ ଚାଳକକୁ ଶିଆଳିଆ ଗ୍ରାମ ଭିତରକୁ ଯିବା ପାଇଁ କହିଲେ । କିଛି ସମୟ ଭିତରେ ଆମେ ପହଞ୍ଚି ଯାଇଥିଲୁ ସେଇ ଐତିହାସିକ ଦର୍ଶନୀୟ ସ୍ଥାନ ଶିଆଳିଆ ଗ୍ରାମରେ, ଯେଉଁଠି ପ୍ରତ୍ୟେକଙ୍କ ଘରେ ନା ଥିଲା କବାଟକି ଦୁଆର ବନ୍ଧ । ଏହି ଶିଆଳିଆ ଗ୍ରାମଟି ଏକ ଅଖ୍ୟାତ ପଲ୍ଲୀ ଭୂଇଁ ପରି ଦୃଶ୍ୟ ହେଉଥିଲା । ଗାଁଟି ସେତେ ବଡ଼ ନୁଁହେ । ପ୍ରାୟ ଏକ କି.ମି. ହେବ ଗାଁର ପ୍ରବେଶ ପାର୍ଶ୍ୱରୁ ଶେଷପାର୍ଶ୍ୱ ଯାଏଁ । ଅଖ୍ୟାତ ପଲ୍ଲୀ ସଦୃଶ ଏହି ଗାଁରେ ପ୍ରାୟ ନିମ୍ନ, ମଧ୍ୟବିତ୍ତ ପରିବାରର ବସତି । ଗାଁ ର ଉତ୍ତର ଦିଗ ବା ସର୍ବ ଶେଷପାର୍ଶ୍ୱରେ ଏକ ଖୋଲାସ୍ଥାନରେ ଗ୍ରାମଦେବୀ ମା ଖରାଖାଇଙ୍କ ପୀଠ ସ୍ଥଳୀ । ଏହି ସୁନ୍ଦର ଖୋଲା ସ୍ଥାନଟିରେ ଛୋଟ ବଡ଼ କେନ୍ଦୁବୃକ୍ଷ ବେଶ୍ ଶୋଭା ପାଉଛନ୍ତି । ସୂଚନାଯୋଗ୍ୟ : ଏହି କେନ୍ଦୁବୃକ୍ଷ ନାମାନୁଶାରେ ମା' ଙ୍କ ନାମ କେନ୍ଦୁବାସୁଳେଇ ଥିଲା । ତେବେ ପରେ ପରେ ଏପରି ଖୋଲା ସ୍ଥାନ, ସୂର୍ଯ୍ୟଦେବଙ୍କ ସୁସଜ୍ଜିତ କିରଣ ଯାହା କେନ୍ଦୁବୃକ୍ଷ ମାନଙ୍କ ମଧ୍ୟରୁ ଖୁବ୍ ସୁନ୍ଦର ଭାବେ ମାଙ୍କ ପୀଠ ସ୍ଥଳୀ ଉପରେ ବିରାଜମାନ, ଏହି ପରିପ୍ରେକ୍ଷୀରେ ଯାହା କି ମା' ଆଜି ଖରାଖାଇ ନାମରେ ପ୍ରସିଦ୍ଧ ।

ଏହି ଐତିହାସିକ କିମ୍ବଦନ୍ତିପୂର୍ଣ୍ଣ ଦର୍ଶନୀୟ ସ୍ଥାନ ଶିଆଳିଆ ଗ୍ରାମ ବିଷୟରେ ଆହୁରି ଅଧିକ କିଛି ଜାଣିବା ପାଇଁ ମୋ ମନରେ ଆଗ୍ରହ ସୃଷ୍ଟି ହୋଇଥିଲା । ଏହି ବିଷୟରେ ସେଠାକାର ଗ୍ରାମବାସୀ, ସାଙ୍ଗରେ ଥିବା ପୂଜକ ବାବା ଏବଂ ମା' ଖରାଖାଇଙ୍କ ମୁଖ୍ୟପୂଜକ ଆମକୁ ଏହି ବିଷୟରେ ବେଶ୍ କିଛି ତଥ୍ୟ ଜଣାଇଥିଲେ । କନିକା ରାଜ୍ୟର ଅନ୍ୟ ଯେତେ କିମ୍ବଦନ୍ତିପୂର୍ଣ୍ଣ ଐତିହାସିକ ଦାର୍ଶନୀୟ ସ୍ଥାନମାନ ରହିଛି, ସେମାନଙ୍କ ମଧ୍ୟରେ ରାଜକନିକା ଅଞ୍ଚଳର ଅଖ୍ୟାତ ଏହି ପଲ୍ଲୀ ଗ୍ରାମ ଶିଆଳିଆ । ଯାହାର ପରମ୍ପରା, ଗ୍ରାମ୍ୟନୀତି-ଆଦର୍ଶ ଏକ ଅଦ୍ଭୁତ ଏବଂ ବାସ୍ତବ ପୂଣ୍ୟ କ୍ଷେତ୍ର ରୂପେ ବହୁ ଅତୀତରୁ ପ୍ରତିଷ୍ଠିତ ହୋଇଅଛି । ପ୍ରଥମେ ଏହି ଗ୍ରାମ ସି-ଆଡିଆ ନାମରେ ଜଣାଶୁଣା ଥିଲା ଏବଂ ପରେ ପରେ ନାମ

ପରିବର୍ତ୍ତନ କ୍ରମେ ଏହା ବର୍ତ୍ତମାନ ଶିଆଳିଆ ଗ୍ରାମ ନାମରେ ପରିଚିତ । କେନ୍ଦ୍ରପଡ଼ା ଜିଲ୍ଲାର ରାଜକନିକା ବ୍ଲକ ଅନ୍ତର୍ଗତ ବରଡ଼ିଆ ପଞ୍ଚାୟତରେ ଅବସ୍ଥିତ ଏହି ଶିଆଳିଆ ଗାଁଟି ପ୍ରାୟ ଉଚ୍ଚସ୍ଥାନ, ଦ୍ୱିପ ପଲ୍ଲୀ ଭୂଇଁ ସଦୃଶ ।

ତେବେ ପାଠକେ ଏହି ଗାଁର ବିଶେଷତ୍ୱ ହେଉଛି, ଯେ ଏହି ଗ୍ରାମରେ କାହାରି ଘରେ ଦୁଆର କି କବାଟ ନାହିଁ । ଭକ୍ତି ଓ ବିଶ୍ୱାସର ସହିତ ସମସ୍ତେ ଭରସା ରଖିଛନ୍ତି ଏଠି ମା' ଖରାଖାଇଙ୍କ ଉପରେ । କାହିଁ କେଉଁ ଅନାଦି କାଳରୁ ସୁଖ-ଦୁଃଖ, ବିପଦ ଆପଦରେ ସାହା ହୋଇଛନ୍ତି ପ୍ରତ୍ୟକ୍ଷ ଠାକୁରାଣୀ ମା'ଖରାଖାଇ । ଗ୍ରାମବାସୀମାନଙ୍କ କହିବା ଅନୁଯାୟୀ, ମା' ଖରାଖାଇ ଆମ୍ଭର ସବୁକିଛି, ମା' ଆମର ସୁଖ-ଦୁଃଖର ସାହା ଭରସା । ସତରେ ଏହି ଶିଆଳିଆ ଗ୍ରାମବାସୀମାନଙ୍କ କେତେ ପ୍ରଗାଢ଼ ଭକ୍ତି ଏବଂ ଭରସା ମା' ଙ୍କ  ଉପରେ । ଯାହାଙ୍କ ଉପରେ ଭରସା ରଖି ସୁଖ ଶାନ୍ତି ଆନନ୍ଦଭରା ଜୀବନ ଯାପନ କରୁଛନ୍ତି ଏହି ସରଳ ଗ୍ରାମବାସୀ ମାନେ । ଏଠି ନା ଅଛି ଧନୀଗରିବର ଭେଦଭାବ ନା କୌଣସି ହିଂସା, ଲୋଭ ମାୟା । ସମସ୍ତେ ଏକ ଆଦର୍ଶ ପରମ୍ପରାରେ ଅନୁଗାମୀ ।

ସୂଚନାଯୋଗ୍ୟ: ଯେ ଯଦି କୌଣସି କଳହ ବିବାଦ ପରି  ସମସ୍ୟା ଗାଁ ରେ ଦେଖା ଦିଏ, ତେବେ ତାହା ସେହି ଗାଁରେ ହିଁ ତୁଟି ଯାଏ । ଏପରିକି ଶିଆଳିଆ ଗ୍ରାମକୁ ଆଜି ଯାଏଁ ପୋଲିସର ପାଦ ମଧ୍ୟ ପଡ଼ିନାଁହି, କି କୌଣସି ବାଦ ବିବାଦ ମୋକଦ୍ଦମା କୋର୍ଟ୍ କଚେରୀକୁ ମଧ୍ୟ ଯାଇନାହିଁ । ସୁଖଶାନ୍ତିରେ ଜୀବନ ଯାପନ କରି ଆସୁଛନ୍ତି ଏହି ଶିଆଳିଆ ଗ୍ରାମର ସରଳ ଗ୍ରାମବାସୀମାନେ । କାହାରି ଘରେ କବାଟ ନାଁହି, ଦିନ ରାତି ୨୪ଘଣ୍ଟା ସମସ୍ତଙ୍କ ଦୁଆର ଖୋଲା ରହି ଥାଏ । ନା କୌଣସି ଚୋର ମାନଙ୍କ ଭୟ ନା ବାଘଭାଲୁଙ୍କ ଭଳି ହିଂସ୍ର ଜନ୍ତୁ ମାନଙ୍କ ଭୟ, ସଭିଏଁ ଭକ୍ତି ଓ ବିଶ୍ୱାସରେ ମା'ଖରାଖାଇଙ୍କ ଉପରେ ଭରସା ରଖି ଆସୁଛନ୍ତି ।

ତେବେ ମନରେ ପ୍ରଶ୍ନ ଉଠେ ! ଶିଆଳିଆ ଗ୍ରାମର ଆଖପାଖ ଅଞ୍ଚଳରେ ପ୍ରତ୍ୟେକଙ୍କ ଘରେ କବାଟ-ଦୁଆର ବନ୍ଧ ରହିଥିବା ବେଳେ, ଶିଆଳିଆ ଗ୍ରାମରେ କାହାରି ଘରେ କବାଟ ଦୁଆର ବନ୍ଧ କାଁହିକି ନାଁହି ?

କାଁହିକି ଏପରି ଏହି ଗାଁ ର ପରିସ୍ଥିତି ?

କିଛି ତ କାରଣ ନିଶ୍ଚୟ ଥିବ !

ତେବେ ଗ୍ରାମଦେବୀ ମା' ଖରାଖାଇ ଙ୍କ ମୁଖ୍ୟ ପୂଜକ ନନାଙ୍କ କହିବା ଅନୁସାରେ : ଶିଆଳିଆ ଗ୍ରାମରେ ଆଜି ନୁହେଁ, କାହିଁ କେଉଁ ପିତୃ ପିତାମହ ଅମଳରୁ ଗାଁରେ କାହାରି ଘରେ କବାଟ ନାଁହି । ଗ୍ରାମବାସୀମାନେ ପ୍ରଗାଢ଼ ବିଶ୍ୱାସର ସହିତ ମା'ଖରାଖାଇଙ୍କ ଉପରେ ଭରସା କରି ଆସୁଛନ୍ତି । ମା'ଖରାଖାଇ କବାଟ ଭଳି ସଭିଙ୍କ ଦୁଆର ଜଗି ରହିଛନ୍ତି । ପାଠକେ ଯଦି କେବେ ଆପଣ ମା'ଖରାଖାଇଙ୍କ ପାଖକୁ ଦର୍ଶନ କରିବା ନିମିତ୍ତ ଯାଇଥାନ୍ତି, ତେବେ ଭୋର୍ ସକାଳୁ ସକାଳୁ ନିଶ୍ଚୟ ଦର୍ଶନ କରିବେ । କାରଣ ଏହି ସମୟ ମାଙ୍କୁ ଉପଯୁକ୍ତ ଦର୍ଶନ କରିବାର ସମୟ ଏବଂ ଶୁଭପ୍ରଦ । ପୂଜକ ନନାଙ୍କ କହିବା ଅନୁସାରେ ଏହି ସମୟରେ ମାଙ୍କର ସ୍ନାନ କାର୍ଯ୍ୟ କରାଯାଏ । ବର୍ତ୍ତମାନ ପାର୍ଶ୍ୱ ଫୋଟରେ ଆପଣ ଦେଖି ପାରୁଥିବେ ଯେ ମା'ଙ୍କ ମୃଣ୍ମୟୀ ମୁର୍ତ୍ତୀ ଯାହା ସଜ ଫୁଲମାଳ ମାନଙ୍କରେ ସମ୍ପୂର୍ଣ୍ଣରୂପେ ସୁସଜ୍ଜିତ । ତେବେ ପ୍ରଭାତ ସମୟରେ ଏହି ଫୁଲ ମାଳମାନ ଏବଂ ମା'ଙ୍କ ବସ୍ତ୍ର ବଦଳାଯାଇ, ସ୍ନାନ କରାଇ ପୁଣି ଥରେ ମା'ଙ୍କୁ ବସ୍ତ୍ର ପରିଧାନ-ପୁଷ୍ପ ସଜ୍ଜିତ କରା ଯାଇ ପୂଜାର୍ଚ୍ଚନା କରାଯାଇଥାଏ । ତେବେ ଏହି ସମୟରେ ମା'ଙ୍କ ମୁର୍ତ୍ତୀକୁ ଠିକ୍ ଭାବେ ଅନୁଧ୍ୟାନ କରି ପାଦ ପାର୍ଶ୍ୱରୁ ଦେଖିଲେ, ଆପଣ ଦେଖି ପାରିବେ ମା'ଖରାଖାଇ ଏକ କବାଟ ବନ୍ଧ ଉପରେ ବିରାଜ ମାନ । ବିଳମ୍ବରେ ପହଞ୍ଚିଥିଲେ ମଧ୍ୟ ସେଦିନ ପୂଜକ ନନା ମା'ଙ୍କ ପାଦ ପାର୍ଶ୍ୱରୁ ଟିକେ ଉପରକୁ ପୁଷ୍ପ ଆଡ଼େଇ ଆମମାନଙ୍କୁ ଏହା ଦର୍ଶନ ମଧ୍ୟ କରାଇଥିଲେ । ଏହା ସହିତ ଆହୁରି ଏକ ଘଟଣା ମଧ୍ୟ ସାଥିରେ ଥିବା ପୂଜକବାବା ଆମକୁ ଜଣାଇ ଥିଲେ, ଯେ ପଠାଣ କିଆରୀ ନାମକ ଏକ ବ୍ୟକ୍ତି ଏହି ସବୁ ପରମ୍ପରାକୁ ନମାନି, ମୁର୍ଖତା ଭାବି ହେୟ ମନେ କରିଥିଲା ଏବଂ ନିଜ ଘରର ପ୍ରବେଶ ଦ୍ୱାରରେ କବାଟ ଲଗେଇ ଥିଲା । ପରେ ପରେ ଏହି ବ୍ୟକ୍ତିର ସେହି ଘର ନିଆଁ ଲାଗି ପୋଡ଼ି ହୋଇ ଯାଇଥିଲା ଏବଂ ଘରର ସବୁ ଧନ, ଧାନ, ଚାଉଳ ଆଦି ସବୁ କିଛି ଜଳି ଭସ୍ମ ହୋଇଯାଇଥିଲା । ଆଶ୍ଚର୍ଯ୍ୟର କଥା ଆଖ ପାଖରେ କାହାରି ପଡ଼ୋଶୀଘରକୁ ନିଆଁ ଲାଗି ନଥିଲା । ଏପରି ସମୟ ଆସି ଯାଇଥିଲା ସେହି ବ୍ୟକ୍ତିର ବଂଶରେ କେହି ବି ବ୍ୟକ୍ତି ବଞ୍ଚି ନ ଥିଲେ । ସାଥୀ ପୂଜକବାବା ମୋତେ ସେହି ସ୍ଥାନ ମଧ୍ୟ ଦେଖାଇ ଦେଇଥିଲେ, ଆଜି ମଧ୍ୟ ସେହି ସ୍ଥାନ ଟି ଖାଲି ଢିପ ହୋଇ ରହି ଯାଇଛି । ସ୍ଥାନଟିରେ ଅନାବନା ଗଛ ସବୁ ଉଠି ବଣ ପରି ଦେଖାଯାଉଛି ।

ଏଭଳି ଦୈବିଶକ୍ତି ଏବଂ ମା'ଖରାଖାଇଙ୍କ ଦାର୍ଶନିକ ଆଧାରକୁ ନେଇ ଆଜି ବି ଶିଆଳିଆ ଗ୍ରାମବାସୀ ମାନେ ବିନା ଦୁଆର ବନ୍ଧ, ବିନା କବାଟରେ ପରସ୍ପର ସହଯୋଗ ଭରା ସରଳ

ଜୀବନଯାପନ କରି ଆସୁଛନ୍ତି । ବର୍ତ୍ତମାନ ସ୍ୱାର୍ଥପର ଅବିଶ୍ୱାସପୂର୍ଣ୍ଣ ମାନବସମାଜରେ ଏହା ଏକ ଅନ୍ଧବିଶ୍ୱାସ, କୁ-ସଂସ୍କାର ବୋଲି ଯଦି କୁହାଯାଏ ତେବେ ଶିଆଳିଆର ଏହି ସରଳ ଗ୍ରାମବାସୀମାନେ କଦାପି ସ୍ୱୀକାର କରନ୍ତି ନାହିଁ । ଏଥିପାଇଁ ଅନୁଭବୀ ବା ପ୍ରତ୍ୟକ୍ଷଦର୍ଶୀ ହେବା ନିହାତି ଜରୁରୀ । ହେଲେ କଥାଟି ସତ୍ୟ ଏବଂ ବିଶ୍ୱାସଯୋଗ୍ୟ । କିଛି ସମୟ ଶିଆଳିଆ ଗ୍ରାମରେ ବିତାଇବା ପରେ ଆମେ ଫେରିଥିଲୁ ପୁଣି ବନ୍ଦର ସହର ପାରଦୀପ ଅଭିମୁଖେ । ଫେରିଲା ସମୟରେ ରାଜକନିକା ଏବଂ ଆଳି ଅଞ୍ଚଳର କିଛି ସ୍ଥାନ ମଧ୍ୟ ପରିଦର୍ଶନ କରିଥିଲୁ ।  କନିକା ରାଜପ୍ରସାଦ, ଆଳି ରାଜପ୍ରସାଦ ଏବଂ ବରାହଜୀଉ ଙ୍କ ମନ୍ଦିରରେ କିଛି ସମୟ ବିତେଇ ଥିଲୁ । ବରାହଜୀଉଙ୍କ ମନ୍ଦିର ପରିସରରେ ଏକ ଛୋଟିଆ କଳା ଚିକଣ ପଥରଟିଏ ପଡ଼ିଥିଲା, ଯାହାକୁ ମୁଁ ମୋର ସବୁ ଶକ୍ତି ଲଗେଇ ମଧ୍ୟ ଉଠେଇ ପାରିନଥିଲି । ପାଠକେ ଆପଣ ମାନେ କେବେ ଏଠାକୁ ଆସିଲେ ନିଶ୍ଚୟ ଏହି ପଥର ଉଠେଇବାକୁ ଚେଷ୍ଟା କରିବେ । ତେବେ ଫେରିଲା ବେଳେ ମନରେ ରହିଯାଇଥିଲା ଏହି ଶିଆଳିଆ ଗାଁ ର ସରଳ ଜୀବନ ଯାପନ କରୁଥିବା ଗ୍ରାମ ବାସୀ ମାନ ଙ୍କ କଥା ଆଉ ମା' ପ୍ରତ୍ୟକ୍ଷ ଠାକୁରାଣୀ ଖରାଖାଇଙ୍କ ଅପାର କରୁଣା ଏବଂ ଗ୍ରାମବାସୀ ମାନଙ୍କ ପ୍ରତି ଆଶିର୍ବାଦ । ମନ ହେଉଥିଲା ଶିଆଳିଆ ଗ୍ରାମରେ ଆଉ କିଛି ସମୟ ବିତେଇ ଥାନ୍ତି କି । କିନ୍ତୁ ସମୟ ବଡ଼ ବଳବାନ । ସମୟ ସହିତ ହାତରେ ହାତ ମିଳାଇ ମୋତେ ସେହି ସ୍ଥାନରୁ ବିଦାୟ ନେବାକୁ ପଡ଼ିଥିଲା ।

ତେବେ ପାଠକେ କେବେ ସମୟ ବାହାର କରି ନିଶ୍ଚୟ ଏହି ସ୍ଥାନଟିକୁ ବୁଲି ଆସିବେ । ଆସିବା ପାଇଁ ମୁଁ ଯେପରି ପୁର୍ବରୁ କହିଥିଲି, ଆପଣ ଭୁବନେଶ୍ୱର ପରେ କଟକରେ ପହଞ୍ଚି ସିଧା ସାଲେପୁର ରାସ୍ତା ଦେଇ କେନ୍ଦ୍ରାପଡା ଜିଲ୍ଲାର ଆଳି କିମ୍ବା ରାଜକନିକା  ଅଞ୍ଚଳରେ ପହଞ୍ଚି  ଯିବେ । ଯାହାକି ଶିଆଳିଆ ଗାଁ ରାଜକନିକା ମୁଖ୍ୟ ରାସ୍ତାରୁ ମାତ୍ର ୪କି.ମି. । କଟକରୁ ରାଜକନିକା ପାଇଁ ସବୁବେଳେ ବସର ସୁବିଧା ଅଛି ।

ଏହାଛଡା କେନ୍ଦ୍ରପଡା ଜିଲ୍ଲାରେ ଆହୁରି ବହୁତ କିଛି ପର୍ଯ୍ୟଟନ ସ୍ଥଳୀ ଯାହା ଆପଣ ଏଠାରେ ରହି ସବୁ ସ୍ଥାନ ଭ୍ରମଣ କରି ପାରିବେ । ଯେପରି କନିକା ରାଜପ୍ରସାଦ ଯାହା ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେବଙ୍କ ଦ୍ୱାରା ନିର୍ମିତ ପ୍ରାୟ ୪ ଏକର ଯାଗା ନେଇଥିବା ୭୫ ଫୁଟର ଉଚ୍ଚ ରାଜପ୍ରାସାଦ । ଆଳି ରାଜପ୍ରାସାଦ ଯାହା ଆଳି ସହର ମଧ୍ୟରେ ଅବସ୍ଥିତ, ପ୍ରାୟ ୪୦ ଏକର ବିଶିଷ୍ଟ । ଭିତରେ ଆପଣ ଦେଖି ପାରିବେ ରାଜାଙ୍କ ରାଜବାଟି, ରାଣୀ ମହଲ, ଘୋଡ଼ାଶାଳ, ଭଣ୍ଡାର, ଉଦ୍ୟାନ, ପ୍ରମୋଦ

ଉଦ୍ୟାନ, ଦେବାଳୟ, ଦେବୀ ମନ୍ଦିର ଏବଂ ପାଖରେ ଥିବା ଏକ ସୁନ୍ଦର ପୋଖରୀ ଯାହାକି ଏକ ସୁନ୍ଦର ପରିବେଶ ଭିତରେ ଅବସ୍ଥିତ। ଏହାପରେ ଜିଲ୍ଲା ମୁଖ୍ୟ ରାସ୍ତାଠୁ ପ୍ରାୟ ୪୫ କି.ମି. ଗଲେ ଇଂରେଜ ଅମଳର ବତୀଘର ଦେଖିପାରିବେ ଯାହାର ଉଚ୍ଚତା ପ୍ରାୟ ୧୨୫ ଫୁଟ୍ ହେବ ଏବଂ ଏହାର ସାମ୍ନା ପଟରେ ୧୮୫୫ ମସିହା ସମୟର ଫଲସ୍ ପଏଣ୍ଟ ନାମକ ଏକ ବନ୍ଦର ବତୀଘର ଦେଖିବାକୁ ପାଇବେ ଯାହାକି ପୂର୍ବ ଭାରତର ସର୍ବପ୍ରଥମ ଏବଂ ଅତ୍ୟାଧୁନିକ ବତୀଘର ନାମରେ ପରିଚିତ। ଏହା ଛଡ଼ା ବରାହଜୀଉ ମନ୍ଦିର, ଗୋଜବାୟାଣୀ, ବଳଦେବ ଜୀଉ ମନ୍ଦିର (ତୁଳସୀ କ୍ଷେତ୍ର) ମଧ୍ୟ ଦର୍ଶନ କରିପାରିବେ। ଏଥି ସହିତ ଆପଣ କେନ୍ଦ୍ରପଡ଼ାର ଭିତରକନିକା ମଧ୍ୟ ପରିଦର୍ଶନ କରି ପାରିବେ। ଯାହା ଆମ ଓଡ଼ିଶାର କୁମ୍ଭୀର ଅଭୟାରଣ୍ୟ ବା ଭିତରକନିକା ଅଭୟାରଣ୍ୟ ନାମରେ ପ୍ରସିଦ୍ଧ। ଆହୁରି ବହୁତ ସୁନ୍ଦର ସୁନ୍ଦର ଛୋଟ ବଡ଼ ଜାଗା ଅଛି ଯାହା ଆପଣ ମନ ଖୋଲି ଭ୍ରମଣ କରିପାରିବେ। ଫେରିଲା ବେଳେ ବନ୍ଦର ସହର ପାରଦୀପ ହୋଇ ଯାତ୍ରା କଲେ ସୁବିଧା ହେବ, କାରଣ ଏହା ସହିତ ପଡ଼ୋଶୀ ଜଗତସିଂହପୁର ଜିଲ୍ଲାରେ ଆପଣ ପାରଦୀପ ବନ୍ଦର, ମା' ସୁଭଦ୍ରାଙ୍କ କ୍ଷେତ୍ର ଗଡ଼କୁଞ୍ଜଗର କୁଞ୍ଜବିହାରୀ ପୀଠ, ମହାବୀର, ସାରଳା ମନ୍ଦିର ଏବଂ ବିଭୁତି କ୍ଷେତ୍ର ବାବା ଗୋରଖ୍ୟନାଥ ମନ୍ଦିରରେ ଦର୍ଶନ କରି ପାରିବେ। ଆଉ ମୁଖ୍ୟ ରାଜପଥ ହୋଇ ଆପଣ କଟକ , ଭୁବନେଶ୍ୱରରେ ପହଞ୍ଚି ପାରିବେ ।

ଏହି କେନ୍ଦ୍ରପଡ଼ା ଭ୍ରମଣ ସମୟରେ ମୁଁ ସେଠିକାର ବହୁତ ଗାଁ ବୁଲି ଥିଲି। ଖୁବ୍ ସୁନ୍ଦର ଥିଲା ଗାଁର ପରିବେଶ। ଏମିତି କିଛି ଗାଁ ସବୁ ଥିଲା ଯେଉଁଠି ଗଲାପରେ ଫେରିବାକୁ ମଧ୍ୟ ଇଚ୍ଛା ହେଉ ନଥିଲା। କିନ୍ତୁ ନିଜର ଆଶାକୁ ନିଜ ମନ ଭିତରେ ସାଇତି ରଖି ସେଠୁ ବିଦାୟ ନେବାକୁ ପଡ଼ିଥିଲା। ଏହା ପରେ ମୁଁ ପୁଣି ଫେରିଥିଲି ନିଜ ଗାଁକୁ । ପାଠକେ ମୋ ଗାଁ ଜଗତସିଂହପୁର ଜିଲ୍ଲାର ପାରଦୀପ, କୁଜଙ୍ଗ ନିକଟସ୍ଥ ବାଲିତୁଠ ଗ୍ରାମ। ନିଜ ଗାଁରେ କିଛିଦିନ ରହିଲା ପରେ ପୁଣି ନିଜ କାର୍ଯ୍ୟରେ ବାହାରିଥିଲି। ପରେ ପରେ ନୋଇଡ଼ା, ବିଶାଖାପତନମରେ ନିଜର ବାକିଥିବା କାର୍ଯ୍ୟସାରି ବର୍ତ୍ତମାନ ଫରିଦାବାଦ ସହରରେ। କଣ କରିବା, କର୍ମ ଆଉ ବିଶ୍ୱାସ ହିଁ ଭଗବାନ। ତେବେ ଆଜି ଏ ସହରର ଚାକଚକ୍ୟ ଭିତରେ ରହି ସମୟେ ସମୟେ ନିଜ ଗାଁ କଥା ବହୁତ ମନେ ପଡ଼େ। ଗାଁରେ ବିତି ଥିବା ପିଲାଦିନର ସ୍ମୃତି ସାଙ୍ଗସାଥୀ ଖେଳ ମଜା, ବାପା, ବୋଉ, ସାନଭାଇର ସ୍ନେହ ଆଦର, ଆଜି ବି ମନେ ପଡ଼ିଗଲେ ଖୁସିରେ ଆଖିରୁ ଦୁଇ ଧାର ଲୁହ ଆସି ଯାଏ ।

ତେବେ ପାଠକ ପ୍ରେମୀ ବନ୍ଧୁଗଣ ମୋତେ ଏଥର ବିଦାୟ ଦିଅନ୍ତୁ, ନିଜର କାର୍ଯ୍ୟ ସମୟରୁ ବିରତି ନେଇ ମୁଁ ପୁଣି ନିଜ ମାଟି ବୈକୁଣ୍ଠକୁ ଫେରିବି। ଜୀବନର ଆଉ କିଛି ଅନୁଭୂତି, ଭ୍ରମଣ କାହାଣୀ ସହିତ ମୁଁ ପୁଣି ଥରେ ଏହି ଆହ୍ୱାନ ଇ-ପତ୍ରିକାରେ ଉପସ୍ଥିତ ହେବି , ଆପଣ ମାନଙ୍କ ସହିତ । ସେତେବେଳ ଯାଏଁ ବିଦାୟ।

ଜୟ ଜଗନ୍ନାଥ ... ।

# ବସନ୍ତ ଆସିଛି...



କମଳ କୁମାର ଦାଶ

ବସନ୍ତ ଆସିଛି ମୋ ପ୍ରୀୟା ଆଖିରେ
ଆକାଶ ନୀଳିମା ନେଇ
ସୁମଧୁର ବାସ ମନରେ ଭରିଛି
ପୁଲକ ରୋମାଞ୍ଚ ଦେଇ – ୧

ବସନ୍ତ ଆସିଛି ପ୍ରୀତି କାନନରେ
ଶୀତଳ ଚାନ୍ଦିନୀ ଢାଳି
ତରୁ ଲତା କୁଞ୍ଜ ପଲ୍ଲବିତ ଆଜି
ତା ପ୍ରେମ ପରଶ ପାଇ – ୨

ବସନ୍ତ ଆସିଛି ମୋ ଆମ୍ବ ତୋଟାରେ
ବଉଳେ ଗଛ ଭରିଛି
ସେ ତୋଟା ମାଳରେ କୁହୁ କୁହୁ ତାନେ
କୋକିଳ ପ୍ରେମେ ଗାଉଛି – ୩

# କହିଲେ କହୁଛି କହିଲା ବୋଲି...!!!



ପ୍ରଶାନ୍ତ କୁମାର ଭୂୟାଁ

ସାର୍...!!!

ସୁଧୀ ପାଠକେ...

ମୁଁ ହେଲି ମାଷ୍ଟ୍ରିଆ ଲୋକଟିଏ । ଏହାକୁ ପେଷା କୁହନ୍ତୁ ବା ବୃତ୍ତି, ବେଉସା କୁହନ୍ତୁ ବା ଆଗ୍ରହ; ଘରେ ସାତପ୍ରାଣୀ ଏଥିରେ ଓତଃପ୍ରୋତ ଭାବେ ଜଡ଼ିତ । ପିଲାଦିନେ ବାପାଙ୍କ ନାମ କେହି ପଚାରିଲେ ମୁଁ ଯେତେବେଳେ କହେ ତ୍ରିନାଥ ଭୂୟାଁ; ସେମାନେ ତୁରନ୍ତ କହନ୍ତି, ଓଃ... ଭୂୟାଁ ମାଷ୍ଟ୍ରେ ! ତୁମେ ତାଙ୍କ ପୁଅ ? ସେଇୟା କହୁନ ।

ବଡ଼ ଖୁସି ଲାଗେ ଏଇଭଳି ଇଜ୍ଜତ ହେବାର ଦେଖିଲେ । ଏଣୁ ପିଲାଦିନୁ ଭାବିଲି ମୁଁ ବି ମାଷ୍ଟ୍ର ହେବି । ପିଲାମାନଙ୍କୁ ପଢ଼ାଇବି ଜୀବନ ସାରା । ମୁଁ ଅଷ୍ଟମ ଶ୍ରେଣୀ ପଢ଼ିଲା ବେଳୁ ଅନ୍ୟ ପିଲାମାନଙ୍କୁ ପଢ଼ାଏ । ଏହିଭଳି ଆଜିଯାଏଁ ଚାଲିଛି ସେହି ପଢ଼େଇବା କାମ।

ଗତକାଲି ଏଇଠି ଓଡିଆ ଭାଇ ଓ ଭଉଣୀମାନଙ୍କ ସହ ଆଲୋଚନା କରିଲାବେଳେ ଗୋଟିଏ କୌତୁକିଆ କଥା କହୁଥିଲି । ସେଥିରୁ ଫାଳେ ଏଇଠି ଲେଖୁଛି । ବାଙ୍ଗାଲୋର୍‌ରେ ମୁଁ ଆନ୍ତର୍ଜାତୀୟ ବିଦ୍ୟାଳୟର ଛାତ୍ରମାନଙ୍କୁ ପଢ଼ାଇଲା ବେଳେ ଜଣେ ବରିଷ୍ଠ ଶିକ୍ଷକ ମୋ ନିକଟକୁ ଅତି ବିଷର୍ଣ୍ଣ ମନରେ ଆସିଲେ କିଛି ପ୍ରଶ୍ନ ନେଇ । ମୋତେ ବ୍ୟସ୍ତ ଥିବାର ଦେଖି ସେ ଫେରିବାକୁ

ଉଦ୍ୟତ ହୁଅନ୍ତେ, ମୁଁ ତାଙ୍କୁ ପଚାରିଲି ,

" ବିଗି ବାବୁ, କିଛି କହିବାର ଥିଲା କି ? "

ସେ କହିଲେ,

ହଁ ଥିଲା ଯେ ହେଲେ ଆପଣଙ୍କୁ ବିବ୍ରତ କରିବାର ଉଦ୍ଦେଶ୍ୟ ନାହିଁ ।

କଥାବାର୍ତ୍ତାରେ ମଧୁଚନ୍ଦ୍ରିକାକୁ ଆଉ ବଢ଼ାଇବାକୁ ନଦେଇ ତାଙ୍କ କଥା ଶୁଣିବାକୁ ଆଗ୍ରହ ପ୍ରକାଶ କଲି ।ସେ ଟିକେ ସଙ୍କୋଚ ହୋଇ ମୋ ନିକଟରେ ପଡ଼ିଥିବା ଚଉକିଟାକୁ ଆହୁରି ନିକଟକୁ ଆଣି କହିଲେ,

ଦେଖନ୍ତୁ, ଭୂୟାଁ ବାବୁ ମୁଁ ଆପଣଙ୍କୁ ସମ୍ମାନ ଦିଏ ଜଣେ ଭଲ ଶିକ୍ଷକ ରୂପେ ।ଆପଣ ମୋ କଥା ଶୁଣି ମୋତେ ଇର୍ଷ୍ୟାଳୁ ଭାବିବେ ନାହିଁ ।ଏହା ଅତ୍ୟନ୍ତ ସମ୍ବେଦନଶୀଳ ଆଉ ବ୍ୟକ୍ତିଗତ କଥା ।ଯଦି ଠିକ୍ ଭାବୁଛନ୍ତି ଉତ୍ତର ଦେବେ , ନହେଲେ ଆମେ ଏହି କଥାବାର୍ତ୍ତା କେବେ ହୋଇନାହେଁ ଭାବି ଭୁଲିଯିବେ । କ'ଣ ବୁଝିଲେ ତ ?

ମୁଁ ଏ କଥାର ଅଗମୂଳ କିଛି ନବୁଝି ମୁଣ୍ଡଟାକୁ ଏଣ୍ଟୁଅଭଳି ଦୁଇଚାରିଥର ହଲାଇବା ପରେ ସେ ଅତି ସନ୍ତର୍ପଣର ସହ ନିଜ ପ୍ରଶ୍ନମୁଣିରୁ ବାହାର କଲେ ଲକ୍ଷେ ଟଙ୍କିଆ ସମ୍ବେଦନଶୀଳ ପ୍ରଶ୍ନଟିକୁ।

ସେ କହିଲେ,

ଦେଖନ୍ତୁ, ଆମ ଦେଶରେ ଗୁରୁ ହେଲେ ନମସ୍ୟ ।

ଗୁରୁ ବ୍ରହ୍ମା…ଗୁରୁ ବିଷ୍ଣୁ… ଗୁରୁଦେବ ମହେଶ୍ୱର…!

ଗୁରୁ ସାକ୍ଷାତ୍ ପରଂବ୍ରହ୍ମ…ତସ୍ମୈବ ଶ୍ରୀ ଗୁରୁବେ ନମଃ ।

ମୁଁ ମୁଣ୍ଡକୁ ପୁଣି ଏଣ୍ଟୁଅ ଭଳି ହଲାଇଲି ।

ତାଙ୍କ କଥା ପୁଣି ଚାଲିଲା, ଓ.ଆର୍.ଟି କମ୍ପାନୀର ବଦାଙ୍ଗି ବସ୍ ପରି ।

... ଆଜିଯାଏଁ ସମସ୍ତେ ଆଜ୍ଞା, ସାର୍, ଜୀ, ଗୁରୁଜୀ, ପ୍ରଭୃତି କହି ମୋତେ ସମ୍ଭାଷଣ କରନ୍ତି । ମୋର ନିଜ ଗାଁରେ ହେଉ ବା ଏହି ସହରରେ ହେଉ ମୋର ଇଜ୍ଜତ ଅଛି ଭୂୟାଁ ବାବୁ ।ଏବେବି ଗାଁରେ ପିଲାମାନେ ଦେଖିଲେ ଗୋଡ଼ତଳେ ପଡ଼ିଯାନ୍ତି ।ହେଲେ, ଆଉ ଜମା ସହି ହେଉନାହିଁ ।

ମୁଁ ତାଙ୍କୁ ମଝିରୁ ଅଟକାଇ ପଚାରିଲି,

କ'ଣ ଗୋଡ଼ତଳେ ପଡ଼ିଯିବାଟା କହୁଛନ୍ତି ତ ?

ସେ ଟିକେ ଉତ୍ୟକ୍ତ ହୋଇ ଦେହଟାକୁ ସିଧାକରି କହିଲେ,

ଆପଣତ ଦିହକୁ ନେଇ ମୋ କଥାକୁ ଶୁଣୁନାହାନ୍ତି ଜମା ।କଣ ସହି ହେଉନାହିଁ ସେଇଟା ବା କହିନି ଏ ପର୍ଯ୍ୟନ୍ତ ।କିହୋ କାହାରିକୁ ସୁଖ ନଲାଗୁଛି କହିଲ ଯଦି କିଏ ତା'ର ଗୋଡ଼ ତଳେ ପଡ଼େ ?

ସେ ଏପଟେ ସେପଟେ ଅନାଇ କହିଲେ,

ମୁଁ ଏଇ ଇଂରାଜୀ ମାଧ୍ୟମର ପିଲାଗୁଡ଼ାକ କଥା କହୁଛି ହୋ ।ହ୍ୟାଳିପ ଗୁଡ଼ାକ, ନାକ ଚିପିଲେ ସୋଲେ କ୍ଷୀର ନିଗିଡ଼ି ପଡ଼ିବ; ମୋ ନାଁ ଧରି ଡାକୁଛନ୍ତି ହୋ ।ଗାର୍ଲ୍‌ଫ୍ରେଣ୍ଡକୁ ହାଲୋ..ହାଏ କଲା ଭଳି ଦେଖାହେଲେ , ହାଲୋ ମିଷ୍ଟର୍ ବିଗି...ହାଏ ବିଗି କହି ହାତ ଧରି ହଲାଇ ପକାଉଛନ୍ତି ପରା।ହେଲେ ଷାଠିଏ ବର୍ଷିଆ ଏହି ମଗଜଟାରେ ଏତିକି ଢୁକୁନାହିଁ ଯେ ସେମାନେ ଆପଣଙ୍କୁ ଦେଖିଲା କ୍ଷଣି କିପରି ସାର୍...ସାର୍...ଭୂୟାଁ ସାର୍ କହି ଭକ୍ତିରେ ବିଗଳିତ ହୋଇ ପଡୁଛନ୍ତି ହୋ ।ଆଜ୍ଞା, ମୁଁ ବି ଭଲ ପଢ଼ାଏ । ସେଥିରେ ରାମୀ ନାହିଁ ।

ମୁଁ ତାଙ୍କ ବିବ୍ରତ ହେବାର କଥା ବୁଝିପାରୁଥିଲି ।ସେତ ନିଜର ସଂଶୟକୁ ମୋ ଆଗରେ ଓଟାର

ଆଣି ବିଲେଇ ବାନ୍ତି କଲା ଭଳି ଢ଼ାଳି ଦେଲେ। ହେଲେ ମୋର ମନଟା ଆମ୍ବିଳିଆ ହୋଇଗଲା । କଷ୍ଟ ଲାଗିଲା ଟିକେ । ସେ ଜଣେ ବୟୋବୃଦ୍ଧ ଶିକ୍ଷକ ଆଉ ନିଜର ସମ୍ମାନ ଏବଂ ସ୍ୱାଭିମାନର କାନ୍ଥଟିକୁ ଭୁଷୁଡ଼ିବାର ଦେଖି ବ୍ୟଥିତ ହେଉଛନ୍ତି । କିନ୍ତୁ ଏଥିରୁ ମୁକୁଳିବାର କୌଣସି ଯୁ ନାହିଁ।

ଆଉ ଅଧିକ ଦୁଇଚାରି ପଇସା ପାଇଁ ଆମେ ସବୁ ଇଂରାଜୀ ମାଧ୍ୟମ ଛାତ୍ରମାନଙ୍କୁ ପଢ଼ାଉଛୁ । ଆଉ ଆଜି କାଲିର ଛାତ୍ରଛାତ୍ରୀମାନେ ବିଦେଶରୁ କେବଳ ଫେସନ୍ ନୁହଁ ପାଠ ଓ ଶାଠକୁ ମଧ୍ୟ ଅତି ଉତ୍ତମରୂପେ ଆୟତ୍ତ କରୁଛନ୍ତି। ଆଉ ସେହି ପ୍ରଭାବରେ ସେମାନେ ଶିକ୍ଷକ ମାନଙ୍କୁ ହାଲୋ,ହାଏ, ମିଷ୍ଟର୍ ସଂଜ୍ଞାଦେଇ ନାମ ଧରି ଡାକିବାରେ କୁଣ୍ଠାବୋଧ କରୁନାହାନ୍ତି । ସ୍ଥାନ ବିଶେଷରେ ମୁଁ ଏହା ମଧ୍ୟ ଶୁଣି ଆସିଛି ଯେ ଶିକ୍ଷୟତ୍ରୀ ମାନଙ୍କୁ କେହି କେହି ଛାତ୍ର କହିଛନ୍ତି,

ମାଡ଼ାମ୍, ୟୁ ଆର୍ ଲୁକିଙ୍ଗ ସେକ୍ସି !!!

ଏହାକୁ ଘୋର କଳିକାଳ କୁହନ୍ତୁ କି ଆଧୁନିକତାର ଦ୍ୱାହୀ ଦିଅନ୍ତୁ;

ବିଗି ବାବୁଙ୍କ ଭଳି ଅନେକ ଶିକ୍ଷକ ଓ ଶିକ୍ଷୟତ୍ରୀ ଏହିଭଳି ସମ୍ମାନ ଆଉ ଅଭିମାନକୁ ଜଳାଞ୍ଜଳୀ ଦେଇ କେବଳ ଦୁଇପଇସା ରୋଜଗାର କରିବା ପାଇଁ ଶିକ୍ଷକ ପେଷାକୁ ଆଦରି ରହିଛନ୍ତି । ତାଙ୍କୁ ମିଳେ ସମ୍ମାନ ଆଉ ଶ୍ରଦ୍ଧା, ହେଲେ ଗୋଟିଏ ଦିନ । ସେପ୍ଟେମ୍ବର ୫ ତାରିଖ ଦିନ, ମିଳେ ଆର୍ଚ୍ଚିସ୍ ଅଥବା ପେପର୍ ରୋଜ୍ କମ୍ପାନୀର ରଙ୍ଗବିରଙ୍ଗ ଗ୍ରିଟିଙ୍ଗ କାର୍ଡ଼ଟିଏ । ବିକୃତ ଆକାର ଆଉ ବିଭିନ୍ନ ପ୍ରକାର ଡ଼ୋରରେ ଗୁଡ଼ା ହୋଇଥିବା ଉପହାର ପେଢ଼ିଟିଏ । ସେଇ ଦୁଇଘଡ଼ି ଟିଚର୍ସ କମନ୍ ରୁମ୍ ଟିକେ ଉଚ୍ଛୁଳି ପଡ଼େ "ହେପି ଟିଚର୍ସ ଡେ ସାର୍" ଅଭିନନ୍ଦନରେ । ଆଉ ତାପର ଦିନ ସେଇ ଚିରାଚରିତ, ମିଷ୍ଟର୍ ଏ..ବି... ଅଥବା ମାଡାମ୍ ସି...ଡି...।

ମୋତେ ଏହିଭଳି ଭାବିବାର ଦେଖି ବିଗି ବାବୁ କହିଲେ,

ଦେଖନ୍ତୁ ଯଦି କହିବାର ଇଚ୍ଛା ନାହିଁ ତେବେ କୁହନ୍ତୁ ନାହିଁ ହେଲେ ଏଇଭଳି ମଣିଷକୁ ଅସମଞ୍ଜସରେ ପକାନ୍ତୁ ନାହିଁ ।ଏଇଭଳି କହି ଅଭିମାନରେ ସେ ଥୋଡ଼ି ତଳେ ହାତଟାକୁ ମୁଠାକରି ପୁରା ମୁଣ୍ଡଟାର ବୋଝ ତା ଉପରେ ଲଦିଦେଲେ ।

ମୁଁ କହିଲି, ବିଗି ବାବୁ...ସେପରି କିଛି ନାହିଁ ।ହଁ ଆପଣଙ୍କର ପ୍ରଶ୍ନର ଉତ୍ତର ଶୁଣନ୍ତୁ । ପିଲାମାନଙ୍କ ପାଇଁ ମୋ ନାମ ହେଉଛି ସାର୍। ଏଣୁ ସେମାନେ ମୋତେ ସାର୍ ବୋଲି ଡାକୁଛନ୍ତି।

ସେ ବୋଧହୁଏ ବୁଝି ପାରିଲେ ନାହିଁ ।ଏହା ମୁଁ ବୁଝି ପାରିଥିଲି ଯେତେବେଳେ ମୁଁ ଦେଖିଲି ଯେ ତାଙ୍କର ଚକ୍ଷୁ ମାଂସପେଶୀ ଗୁଡ଼ାକ ଗୋଟିଏ ଆଡ଼କୁ ଅଡ଼େଇ ହୋଇଯାଇଥିଲେ ।

ଏଣୁ ପୁଣିଥରେ ମୁଁ ତାଙ୍କୁ ପୂରା କଥାଟା କହିଥିଲି ଏହିପରି ।

ପ୍ରଥମ ଦିନ ଯେବେ ମୁଁ ଶ୍ରେଣୀଗୃହରେ ପ୍ରବେଶ କରି ମୋର ପରିଚୟ ଦେବାକୁ ଆରମ୍ଭ କରିଥିଲି; ମୁଁ ସବୁ କହିଥିଲି ହେଲେ ମୋର ନାମଟି କହିବାକୁ ଭୂଲି ଯାଇଥିଲି। ସବାଶେଷରେ ଜଣେ ଛାତ୍ର ପଚାରିଥିଲେ, ହ୍ୱାଟ୍ ଇଜ୍ ୟୋର୍ ନେମ୍ ?

ଆଉ ମୁଁ ପ୍ରତ୍ୟୁତ୍ତରରେ କହିଥିଲି "ସା...ର୍.."।

ବାସ୍ ସେମାନଙ୍କ ପାଇଁ ମୋର ନାମ ସେଇଦିନ ଠୁଁ ସାର୍ ହୋଇଯାଇଛି ।

ବିଗି ବାବୁଙ୍କ ହାତମୁଠା ଉପରୁ ଥୋଡ଼ିଟା ଖସି ପଡ଼ିଲା ସନ୍ତୁଳନ ବିଗିଡ଼ି ଯାଇ ।ଦୁହେଁ ଦୁହିଁଙ୍କୁ ଅନେଇ ରହିଲୁ ଘଡ଼ିଏ ।

ମୁଁ ତାଙ୍କୁ ନିରୀହ ଛାତ୍ରଟିଏ ଭଳି ଅନାଇଥିଲି ଆଉ ସେ ମୋତେ "ହାଁ " କରି ।

- ପ୍ରଭୁ

ଆହ୍ୱାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା । ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ । ବେଳେ ବେଳେ ପୂଜାପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣମାନ ମଧ୍ୟ ପ୍ରକାଶିତ ହୁଏ । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ ।

ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ । ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ, ଲେଖିକାମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ । ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକାମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ ।

ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ । ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ ।

ଲେଖକ ଲେଖିକାମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ୱାରା କିମ୍ବା ଇ-ମେଲ୍ ଦ୍ୱାରା ପଠାଇପାରିବେ । ଡ଼ାକ ଦ୍ୱାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ୱରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ । ଇ-ମେଲ୍ ଦ୍ୱାରା ପଠାଉଥିଲେ ଲେଖାକୁ ଲେଖି ସାରିବ ପରେ ସ୍କାନିଂ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ ।

ଆହ୍ୱାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ୱାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ । ଆମେ ପରିବେଶ ପ୍ରଦୁଷଣ ବିରୋଧ କରୁ ।

ଆହ୍ୱାନ ଇ-ପତ୍ରିକାରେ ଲେଖା ପ୍ରକାଶିତ କରିବାପାଇଁ ଯଦି ଆପଣ ଇଚ୍ଛୁକ ତେବେ ନିଜ ଲିଖିତ କୃତିକୁ ଆପଣ ଆମ ନିକଟକୁ ପଠାନ୍ତୁ । ଯେହେତୁ ଏହି ପତ୍ରିକା ଇଣ୍ଟରନେଟରେ ପ୍ରକାଶିତ ହୁଏ ଏବଂ ପ୍ରତ୍ୟେକ ମାସରେ ଶହସ୍ରାଧିକ ଓଡ଼ିଆଙ୍କ କମ୍ପ୍ୟୁଟରରେ ଶୋଭାପାଏ ତେଣୁ ଏହି ପତ୍ରିକାପାଇଁ ଲେଖା ମଧ୍ୟ ଇଣ୍ଟର୍‌ନେଟ ମାଧ୍ୟମରେ ହିଁ ଗ୍ରହଣ କରାଯାଏ । ଯଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ଲେଖା ପଠାଇ ପାରିବେ ନାହିଁ, ତେବେ ଆପଣ ନିଜ ଲେଖା ଧଳା କାଗଜରେ ଗୋଟିଏ ପାର୍ଶ୍ୱରେ ନିର୍ମଳ ହସ୍ତାକ୍ଷରରେ ଲେଖି ଆମ ନିକଟକୁ ନିମ୍ନ ଠିକଣାରେ ପଠାଇ ପାରିବେ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ବୀମା ନଗର - ୨ୟ ଗଳି

ଆମ୍ବପୁଆ, ବ୍ରହ୍ମପୁର - ୭୬୦୦୧୦

ଓଡ଼ିଶା, ଫୋନ୍: ୯୦୪୦୯୮୫୪୬୩

ଯଦି ଆପଣ ଇଣ୍ଟର୍‌ନେଟ୍ ମାଧ୍ୟମରେ ଲେଖା ପଠାଇବାକୁ ଚାହାନ୍ତି ତେବେ ନିଜ ଲେଖାକୁ ଟାଇପ୍ (ଓଡ଼ିଆ ୟୁନିକୋଡ଼ ଫଣ୍ଟରେ ଟାଇପ୍ କରିବେ ଯଥା ଅପ୍ରାନ୍ତ ଓଡ଼ିଆ / ଗୁଗୁଲ୍ ଓଡ଼ିଆ ଟ୍ରାନସ୍‌ଲିଟେରେସନ୍) କରି Microsoft Word Document ରେ ଆମ ନିକଟକୁ ପଠାନ୍ତୁ, କିମ୍ବା ଲେଖାକୁ ସ୍କାନ୍ କରି ଜେପିଇଜି ଫର୍ମାଟରେ ଇମେଲ୍ Attachment କରି ପଠାନ୍ତୁ । ଆମ ଇ-ମେଲ୍ ଠିକଣା ହେଲା -

aahwaan@gmail.com

ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, 'ଆହ୍ୱାନ'

**If you are interested to post your Business classified ads in different pages on this e-Magazine, do please contact us. We also offer full page and half page advertisements as well as we welcome sponsors for different stories and articles and also patrons for the e-Magazine.**

**aahwaan@gmail.com / 9040985463**